ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ରାଜସ୍ୱ ସର୍କଲସ୍ତରୀୟ ଲୋକ ଅଦାଲତ

**ମାର୍ଶାଘାଇ, ୨୮।୧୦ (ଡି.ଏନ୍.ଏ.):** ମାର୍ଶାଘାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ସର୍କଲସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ଭୂସଂସ୍କାର ଏବଂ ଅବରୋଧ କେସ୍‌ଗୁଡିକ ସମାଧାନ କରିବା ପାଇଁ ତହସିଲଦାର ନିରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଲୋକ ଅଦାଲତରେ ମାର୍ଶାଘାଇ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ କୁମାର ନାଥଶର୍ମାଙ୍କ ଉପସ୍ଥିତିରେ ସମୁଦାୟ ୩୬ କେସ୍‌ର ଫଇସଲା ହୋଇଥିଲା। ଏଥିରେ ଗୋଟିଏ ଭୂସଂସ୍କାର କେସ୍ ଏବଂ ୩୫ଟି ଅବରୋଧ କେସ୍‌ର ଫଇସଲା କରାଯିବା ସହ ମୋଟ ୮୧, ୫୦୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ତହସିଲ କାର୍ଯ୍ୟାଳୟର ଭାରପ୍ରାପ୍ତ ମୁଖ୍ୟ ଲିପିକ ରବୀନ୍ଦ୍ରନାଥ ସାହୁ, ଅବରୋଧ ବିଭାଗ କିରାଣୀ ନିରଞ୍ଜନ ବାରିକ, ସହକାରୀ ରାଜସ୍ୱ ନିରୀକ୍ଷକ ଶାରଦା ପ୍ରସାଦ ପ୍ରଧାନ ଏବଂ କର୍ମଚାରୀ ବାବାଜି ଚରଣ ପ୍ରଧାନ ଲୋକ ଅଦାଲତରେ ଉପସ୍ଥିତ ଥିଲେ।

### ବିଦ୍ୟୁତ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

**କେନ୍ଦ୍ରାପଡା ଅଫିସ, ୨୮।୧୦:** ସହରର ତିନିମୁହାଁଣିସ୍ଥିତ ରାମ ମନ୍ଦିର ସମ୍ମୁଖ ସନାତନ ପାତ୍ରଙ୍କ ପାନ ଦୋକାନରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ଦୋକନାଟି ସମ୍ପୂର୍ଣ୍ଣ ଜଳିଯାଇଛି। ବିଦ୍ୟୁତ ଶର୍ଟ ସର୍କିଟ କାରଣରୁ ଏହା ଘଟିଛି ବୋଲି କେନ୍ଦ୍ରାପଡା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ସୂଚନା ଦେଇଛନ୍ତି। ଭୋର ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ଏକ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁ ପ୍ରକାଶ କରିଛନ୍ତି।


ଠାକୁରପାଟଣା ପୂଜା ମଣ୍ଡପ, ଡେରାବିଶ


ଗୋପଲକ୍ଷ୍ମୀ, କେନ୍ଦ୍ରାପଡ଼ା


ଭରତପୁର, କେନ୍ଦ୍ରାପଡ଼ା


କୁମ୍ଭାର ସାହି ଥାନପତି, ମାର୍ଶାଘାଇ


ମାର୍ଶାଘାଇ ଲକ୍ ଛକ

■ବାଟବଣା ସୌଭାଗ୍ୟ ଯୋଜନା

# ବିଦ୍ୟୁତ୍ ସଂଯୋଗ ପାଇଁ ଲାଞ୍ଚ ନେଉଛନ୍ତି କର୍ମଚାରୀ

**ଡେରାବିଶ, ୨୮।୧୦ (ସ୍ୱ.ପ୍ର.)**

୨୦୧୭ରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ଦେଶବ୍ୟାପୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ଗରିବ ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ଏହି ଯୋଜନାର ମୂଳଲକ୍ଷ୍ୟ। ଚଳିତ ବର୍ଷ ଡିସେମ୍ବର ଶେଷ ସପ୍ତାହ ସୁଦ୍ଧା ଏହି ଯୋଜନାରେ ସମସ୍ତ ପରିବାରକୁ ବିଜୁଳି ଯୋଗାଇ ଦେବାର ଯୋଜନା ଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ଏହା ପ୍ରହସନରେ ପରିଣତ ହୋଇଛି।

ଏହି ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା କେତେକ ପରିବାର ୨ଟି ବଲ୍‌ବ ବ୍ୟବହାର କରୁଥିବା ବେଳେ ସେସୁ ପକ୍ଷରୁ ସେମାନଙ୍କୁ ମାସିକ ୫୭୭ଟଙ୍କାର ବିଲ୍ ପଠାଯାଇଛି। ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ କଂସାରୀ ପାଟଣା ଗ୍ରାମର ହୃଷୀକେଶ ମହାରଣା, ଭାସ୍କର କର, ଗଜେନ୍ଦ୍ର ଘଡ଼େଇ, ଶ୍ରୀକାନ୍ତ ମହାରଣା, ଜୟନ୍ତ କୁମାର ପଣ୍ଡା, ଭକ୍ତିଲତା କର, ଗଜେନ୍ଦ୍ର ଘଡ଼େଇ, ଦେବେନ୍ଦ୍ର କୁମାର କରଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘରେ ଏହି ଯୋଜନାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ତେବେ ମାସ ଶେଷରେ ସେମାନଙ୍କୁ ସେସୁ ପକ୍ଷରୁ ୫୭୭ ଟଙ୍କାର ବିଲ୍ ପଠାଯାଇଥିଲା। ଏଥିସହ ତୁରନ୍ତ ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ଧମକ ଦେଇଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଛଡା ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା କଂସାରୀପାଟଣା ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଇବା ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀ ଲାଞ୍ଚ ନେଇଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷେ ବିଭାଗୀୟ କର୍ମଚାରୀଙ୍କୁ ଲାଞ୍ଚ ଦେଇଥିବା ଉପଭୋକ୍ତାଙ୍କ ଘରେ ଭଲ ବିଦ୍ୟୁତ୍ ସରଞ୍ଜାମ ଲଗାଯାଇଥିବା ବେଳେ ଅନ୍ୟମାନଙ୍କ ଘରେ ନିମ୍ନମାନର ସରଞ୍ଜାମ ଲଗାଯାଇଥିବା ଅଭିଯୋଗ ହୋଇଛି। ତେବେ ଏବାବଦରେ ବିଭାଗୀୟ ସେସୁ ଯନ୍ତ୍ରୀ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପଚାରିବାରେ ବାଲିଆ, ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର, ଚାଟରାଚକଡ଼ା, ଏଣ୍ଡର, ରଘୁଦେଇପୁର ଓ କାଉପଡା ପଞ୍ଚାୟତର ସମସ୍ତ ଗ୍ରାମ ସମେତ କୁରୁଜଙ୍ଗା ପଞ୍ଚାୟତର ଅଳ୍ପ କେତେକ ଗ୍ରାମ ଛଡା ବିଦ୍ୟୁତ୍ ସେକସନ ଅଧୀନରେ ରହିଛି। ସୌଭାଗ୍ୟ ଯୋଜନାରେ ସାମିଲ ହେବାପାଇଁ ଏହି ସେକସନ ଅଧୀନ ୩ହଜାର ଉପଭୋକ୍ତା ଆବେଦନ କରିଥିବା ବେଳେ ପ୍ରାୟ ୨ହଜାର ୫ଶହ ଆବେଦନକୁ ସ୍ୱୀକୃତି ମିଳିଥିଲା। ଏହି ଯୋଜନାର କାର୍ଯ୍ୟପାଇଁ ସେସୁ ଓ ଅନ୍ୟ ଏକ ଠିକା ସଂସ୍ଥା ମଧ୍ୟରେ ଅଧା ଅଧା କାର୍ଯ୍ୟ ବଣ୍ଟନ କରିଦିଆଯାଇଥିଲା। ଠିକା ସଂସ୍ଥା କାର୍ଯ୍ୟ କରୁଥିବା ଘରେ ସମସ୍ତ ବିଦ୍ୟୁତ ସରଞ୍ଜାମ ସହ ମିଟର ବସାଯାଉଥିବା ବେଳେ ସେସୁକୁ ମିଟର ମିଳି ନ ଥିବାରୁ ଏହା ଲଗାଯାଇପାରୁନାହିଁ। ଫଳରେ ସେସୁ ବିଦ୍ୟତ୍ ସଂଯୋଗ ଦେଉଥିବା ଉପଭୋକ୍ତାଙ୍କ ନିକଟକୁ ବିଭାଗୀୟ ସର୍ବନିମ୍ନ ୫୭୦ଟଙ୍କାର ବିଲ ଦିଆଯାଇଛି। ମିଟର ଲାଗିବା ପରେ ଉପଭୋକ୍ତାମାନଙ୍କୁ ମିଟର ରିଡିଂ ଅନୁଯାୟୀ ଟଙ୍କା ପୈଠ କରିବାକୁ ପଡିବ। ଅବଶିଷ୍ଟ ବଳକା ଅର୍ଥ ମଧ୍ୟ ବିଲରେ ଆଡଜଷ୍ଟ କରାଯିବ ବୋଲି ଯନ୍ତ୍ରୀ ମହାପାତ୍ର କହିଛନ୍ତି। ତେବେ ସର୍ବନିମ୍ନ ବିଲ୍ ବାବଦ ଏତେ ଟଙ୍କା ପଇଠ କରିବା ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

■ ଡେରାବିଶରେ ଲକ୍ଷ୍ମୀ ପୂଜାର ୫ମ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ଶ୍ରଦ୍ଧାଳୁ

**ଡେରାବିଶ, ୨୮।୧୦ ( ସ୍ୱ.ପ୍ର. )**

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଡେରାବିଶ ବ୍ଲକ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତର ଠାକୁର ପାଟଣା, ଠାକୁରହାଟ, ଉଦୟନଗରଗ୍ରାମ ଆଦି ସ୍ଥାନରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା। ଠାକୁରପାଟଣା ମଣ୍ଡପ ନିକଟରେ ପୂଜାର ୫ମଦିବସ ତଥା ରବିବାର ସନ୍ଧ୍ୟାରେ ଖ୍ୟାତନାମା କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶତାଧିକ ବର୍ଷ ଧରି ଗ୍ରାମବାସୀଙ୍କ ଉଦ୍ୟମରେ ଏଠାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ କୀର୍ତ୍ତନ ସହ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେବେ ପୂଜା କମିଟି ସଭାପତି ମାୟାଧର ବିହାରୀ, ରଘୁନାଥ ବେହେରା, ରମେଶ ଚନ୍ଦ୍ର ବିହାରୀ, ଅନନ୍ତ ଚରଣ ମହଲା କୁହନ୍ତି, ପୂଜା ପାଇଁ ଗ୍ରାମର ସାମାଜିକ ସମ୍ପର୍କ ସୁଦୃଢ ହୋଇପାରିଛି। ସେହିପରି ଉଦୟନଗର ମଣ୍ଡପରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି କମିଟି କର୍ମକର୍ତ୍ତା ଦିଲୀପ ଦାସ କହିଛନ୍ତି। ରବିବାର ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସମବାୟବିତ୍ ସରୋଜକାନ୍ତ ନାୟକ ବିଭିନ୍ନ ମଣ୍ଡପରେ ମା'ଙ୍କ ଦର୍ଶନ କରିଥିଲେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଅକ୍ଟୋବର, ୨୦୧୮



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼ିଥାଏ।

- ମହାବୀର ଜୈନ୍



## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର, ଉଦ୍‌ଘାଟନ



**କାଳିଆପାଣି, ୨୮।୧୦(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳର ରାଁସୋଳ ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ରବିବାର ବିଧାୟକ ପ୍ରୀତି ରଞ୍ଜନ ଘଡାଇଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ବିଧାୟକ ରାଁସୋଳ ପଞ୍ଚାୟତର ଢାବାଛକରୁ କଲରଙ୍ଗୀ ଗ୍ରାମ୍ୟ ରାସ୍ତା, ବରଗଜି ମୁଣ୍ଡାସାହି ନାରୀସଂଘ ଗୃହ, କୁସୁମୁଡ଼ିହା ମୁଣ୍ଡାସାହି ନାରୀସଂଘ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୀମଟାଙ୍ଗର, ବରଗଜୀ, ମହୁଲଖାଲଠାରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ସେହିପରି ଟାଟାଷ୍ଟିଲ ଦ୍ୱାରା ନିର୍ମିତ ହେବାକୁଥିବା ଚିଙ୍ଗୁଡ଼ିପାଳ ପଞ୍ଚାୟତର ଦେଓଗାଁଠାରେ ଥିବା ଠାକୁରାଣୀ ପୀଠ ମୁଖଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଜିଲାପରିଷଦ ସଭ୍ୟ ପ୍ରତାପ ପାତ୍ର, ସରପଞ୍ଚ ବିଶ୍ୱଜିତ ମହାନ୍ତି, ସରପଞ୍ଚ ନିଳେନ୍ଦ୍ର ପ୍ରଧାନ, ପୂର୍ବତନ ସୁକିନ୍ଦା ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଦ୍ୟାଧର ପାତ୍ର ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବିରଜାକ୍ଷେତ୍ର, ୨୮।୧୦(ଡି.ଏନ୍.ଏ.):** ଯାଜପୁର ସହରସ୍ଥିତ କିଆନାଳୀକୂଳ ଛକର ଏକ ଦୋକାନ ସମ୍ମୁଖରେ ରବିବାର ଜଣେ ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଥିବାର ସ୍ଥାନୀୟ ଲୋକେ ଦେଖି ଯାଜପୁର ପୋଲିସକୁ ଖବର ଦେଇଥିଲେ। ସେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ତ୍ରିଶାମିଆଁ କଲ୍ୟାଣପୁର ଗ୍ରାମର ଦୋଳଗୋବିନ୍ଦ ଜେନା। ଖବରପାଇ ଥାନାର ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦେଖିଥିଲେ । ଥାନାଧିକାରୀ ଚକ୍ର ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ଜଣାଇଥିଲେ। ଗତ ୪ ଦିନ ହେବ ପାରିବାରିକ କଳହକୁ ନେଇ ବୃଦ୍ଧ ଜଣଙ୍କ ଘରୁ ପଳାଇ ଆସି କିଆନାଳୀକୂଳ ଛକରେ ରହୁଥିବା ସ୍ଥାନୀୟ ଲୋକେ କହିଥିଲେ।

### ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଛତିଆ, ୨୮।୧୦(ଡି.ଏନ୍.ଏ):** ବଡଚଣା ବ୍ଲକ୍ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ କପାଷ୍ଟିକିରି ମୌଜାର ବୈରୀ ଓ ବନ୍ତଳା ଗ୍ରାମ ମଧରେ ପ୍ରତିଷ୍ଠିତ ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାଉପୁଳା ସାଇ ପ୍ରତିଭା ସିଦ୍ଧାଶ୍ରମର ଟ୍ରଷ୍ଟି ମୁଖ୍ୟ ରଶ୍ମୀରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଶେଷ ହୋଇଛି । ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ସଭାପତି ଗଣେଶ୍ୱର ବରାଳ, କର୍ତ୍ତା ସିଦ୍ଧାର୍ଥ ମହାନ୍ତି, ଲୋରା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

### ବାଇକ୍ ଚୋରି, ଥାନାରେ ଅଭିଯୋଗ

**କୋରେଇ, ୨୮।୧୦(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ମଦନ କୁମାର ସାହୁଙ୍କଠାରୁ ଜଣେ ଟ୍ରକ ଚାଳକ ବାଇକ୍ ଲୁଟ୍ କରିଛନ୍ତି। ଏ ନେଇ ମଦନ ରବିବାର ପାଣିକୋଇଲି ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଶନିବାର ସକାଳେ ମଦନ ସଠିପୁରସ୍ଥିତ ଏକ କୋଇଲା ଡିପୋ ନିକଟରେ ବସିଥିବା ବେଳେ ଜଣେ ଟ୍ରକ ଚାଳକ ତାଙ୍କ ବାଇକ୍ ମାଗି ଟିକେ ଏଇଠୁ କାମସାରି ଆସିବି ବୋଲି କହିଥିଲେ। ପୂର୍ବରୁ ତାଙ୍କର ମଦନଙ୍କ ସହ ପରିଚୟ ଥିବାବେଳେ ମଦନ ତାଙ୍କ ଠିକଣା ଜାଣି ନ ଥିଲେ। ପରେ ମଦନଙ୍କ ନିକଟରେ ଥିବା ନିକଟସ୍ଥ କରଦା ଗ୍ରାମର ହାପି ନାମକ ଜଣେ ଯୁବକ ଟ୍ରକ୍ ଚାଳକ ସାଙ୍ଗରେ ପାଣିକୋଇଲି ଛକକୁ ଯିବାକୁ କହିବାରୁ ଉଭୟ ମଦନଙ୍କ ବାଇକ୍ (ଓଡି-୦୪-୧୬୮୭)ରେ ଯାଇଥିଲେ। କିଛି ସମୟ ପରେ ହାପି ଡିପୋକୁ ଫେରି ଆସିଥିଲେ ମଧ ଚାଳକ ଜଣକ ଫେରି ନ ଥିଲେ।

## ■ ବେଆଇନ କଳାପଥର ଖାଦାନ, କ୍ରଶର ମାମଲା

# ଏନ୍‌ଜିଟି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟଙ୍କ ରହିତାଦେଶ

**ଯାଜପୁର ଅଫିସ, ୨୮।୧୦**

ଲଘୁ ଖଣିଜ ସମ୍ପଦ କଳାପଥର ଖାଦାନ ଓ କ୍ରଶରର ଭୂସ୍ୱର୍ଗ ଭାବେ ପରିଚିତ ଧର୍ମଶାଳା ତହସିଲ ଅଞ୍ଚଳରେ ଜଙ୍ଗଲ ଓ ପରିବେଶ ଅନୁମତି (ଇସି) ଆଇନ ରହସ୍ୟ ଉପରେ ନୂଆ ଫର୍ଦ୍ଦ ଉନ୍ମୋଚନ ହେବାରେ ଲାଗିଛି। ଏହାସହ ବାଦବିବାଦ ମଧ ଆହୁରି ଘନୀଭୂତ ହେବାରେ ଲାଗିଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯିବା ପରେ ଶେଷରେ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି।
ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ(ଆରଓ) ତାଙ୍କ ପତ୍ରସଂଖ୍ୟା ୧୯୯୩/୭।୯।୨୦୧୮ରେ ବେଆଇନ ପଥର ଖାଦାନଗୁଡିକ ଉପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହାବାଦ୍ ଏନ୍‌ଜିଟି ଗତ ଅଗଷ୍ଟ ୩୧ରେ ଡଙ୍କାରୀର ଖନନ ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଗତ ୧୫ ତାରିଖରେ ଡଙ୍କାରୀ ପାହାଡ଼ର ୬ଟି ବେଆଇନ କଳାପଥର ଖାଦାନକୁ ଜିଲା ପ୍ରଶାସନ ସିଲ କରିବା ସହ ସେଠାରେ ୧୪୪ ଧାରା ଲାଗୁ କରିଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟ ୩୧ରେ ଏନ୍‌ଜିଟି ଦେଇଥିବା ତଦନ୍ତ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହାସହ ଜିଲା ପ୍ରଶାସନ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ କେନ୍ଦ୍ର ପେଟ୍ରୋଲିୟମ ବିଭାଗ ସମେତ ଆବେଦନକାରୀ ସର୍ବେଶ୍ୱର ବେହୁରାଙ୍କୁ ନିଜର ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ଗତ ୨୬ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଡଙ୍କାରୀ କଳାପଥର ଖାଦାନର ଲିଜଧାରୀ ଶ୍ରୀବାସ ଜେନାଙ୍କୁ ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୨୨୨୩/୧୮।୮।୨୦୧୪ରେ ବିନା ଇସିରେ ପଥର ଉତ୍ତୋଳନ ହେଉଥିବା ନେଇ ନୋଟିସ ଜାରି କରିଥିଲେ। ଏହାର ୪ବର୍ଷ ପରେ ପୁଣି ଏସ୍‌ପିସିବି ପକ୍ଷରୁ ଜିଲା ପ୍ରଶାସନକୁ ବେଆଇନ କଳାପଥର ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ଅପରପକ୍ଷରେ ୨୦୦୨ରୁ ୨୦୧୫ ମସିହା ପର୍ଯ୍ୟନ୍ତ ଡଙ୍କାରୀରୁ ବେଆଇନ ଉତ୍ତୋଳନ ବାବଦରେ ପ୍ରାୟ ୫୯କୋଟି ଟଙ୍କାର ଅତିରିକ୍ତ ଜରିମାନା ମାମଲା ଧର୍ମଶାଳା ତହସିଲ କୋର୍ଟରେ ବିଚାରାଧୀନ ଅବସ୍ଥାରେ ପଡିଛି। ଯାହାକି ଏସ୍‌ପିସିବି ଓ ଜିଲା ପ୍ରଶାସନର କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ୧୬ବର୍ଷ ଧରି ଯାଜପୁର ଜିଲା ପ୍ରଶାସନ ବେଆଇନ ଭାବେ କଳାପଥର ଉତ୍ତୋଳନକୁ ସହଯୋଗ କରି ଆସୁଥିବା ସ୍ପଷ୍ଟ ମନେ ହେଉଛି।



■ବେଆଇନ କ୍ରଶର ସିଲ ପ୍ରସ୍ତାବକୁ ଜିଲା ପ୍ରଶାସନର ନା
■ଜଙ୍ଗଲ, ପରିବେଶ ଅନୁମତି ମୂଲ୍ୟହୀନ

ସେହିପରି ଜିଲାରେ ଚାଲିଥିବା ବିଭିନ୍ନ କ୍ରଶର ପରିଚାଳନା ଉପରେ ପୁଣି ଏକ ନୂତନ ରହସ୍ୟ ଏବେ ଜଣାପଡିଛି। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ୧୯୯୭/୧୧।୯।୨୦୧୮ରେ ଜିଲାପାଳଙ୍କୁ ବେଆଇନ କ୍ରଶର ଉଚ୍ଛେଦ ସଂକ୍ରାନ୍ତରେ ପତ୍ର ଲେଖିଥିଲେ। ଉକ୍ତ ପତ୍ରରେ ଆଞ୍ଚଳିକ ଅଧିକାରୀ ଦର୍ଶାଇଥିଲେ ଯେ, ୨।୭।୨୦୧୫ରୁ ୪।୭।୨୦୧୫ ମଧରେ ଦର୍ପଣ ଓ ଧର୍ମଶାଳା ତହସିଲ ଅଧୀନ ଶଙ୍କରଡିହ, ବାଲିଚନ୍ଦ୍ରପୁର, ଚଣ୍ଡିଖୋଲ, ଆରୁହା, ଅଞ୍ଜିରା, ବାଲିସାହି, ପାଖର, ରାଣୀବନ୍ଧ ଆଦି ଅଞ୍ଚଳରୁ ୧୪୦ଟି କ୍ରଶର ସିଲ ହୋଇଥିଲା। କିନ୍ତୁ ଏସ୍‌ପିସିବି ପରିଦର୍ଶନରେ ଜଣାପଡିଥିଲା ଯେ, ଅଧିକାଂଶ କ୍ରଶର ସିଲ ଭାଙ୍ଗି ପୁଣି ଚାଲିଛି। ସେହି କ୍ରଶରଗୁଡିକ ଜାତୀୟ ରାଜପଥ ସନ୍ନିହିତ ହୋଇଥିବାବେଳେ ବିଛାଖଣ୍ଡି ଅଞ୍ଚଳର ଅନେକ କ୍ରଶର ବେଆଇନ ଭାବେ ଚାଲିଛି। ଯାହାକି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆକ୍ଟ-୧୯୮୧କୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ତେଣୁ ପ୍ରଦୂଷଣ ନିୟନ୍ତ୍ରଣକୁ ଅଧିକ ଶୃଙ୍ଖଳିତ କରିବାକୁ ସମ୍ପୃକ୍ତ ଇନ୍‌ସ୍ପେକ୍ଟର ଓ ତହସିଲଦାରଙ୍କ ଜରିଆରେ ବେଆଇନ କ୍ରଶରଗୁଡିକ ପୁଣି ସିଲ କରି କ୍ରଶର ମାଲିକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାକୁ ଏସପିସିବିର ଆଞ୍ଚଳିକ ଅଧିକାରୀ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ହେଲେ ଏସ୍‌ପିସିବିର ଉକ୍ତ ପତ୍ର ଦେବାର ଦେଢ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ପ୍ରଶାସନ ନିରବ ରହିଛି। ଏହା ପଛରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ରହିଥିବା ମନେ ହେଉଛି । ଏ ସଂକ୍ରାନ୍ତରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ କୁହନ୍ତି, ସମସ୍ତ ବେଆଇନ ପଥର ଓ କ୍ରଶର ଉପରେ ପଦକ୍ଷେପ ନିଆଯାଉଛି । ଡଙ୍କାରୀରେ ୧୪୪ ଧାରା ଲାଗୁ ହୋଇଛି । କ୍ରଶର ୟୁନିଟ ସ୍ଥାପନ ପାଇଁ ମଧ ଜମି ଯୋଗାଇ ଦେବାକୁ ଇଡ୍‌କୋକୁ ପତ୍ର ଦିଆଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଆବେଦନକାରୀ ବେହୁରା ପୁଣି ଏନ୍‌ଜିଟିର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

### ଖଣିରେ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପ୍ରତିଯୋଗିତା

**କାଳିଆପାଣି, ୨୮।୧୦(ଡି.ଏନ୍.ଏ.**

୨୪ତମ ଆଞ୍ଚଳିକ ଖଣି ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପ୍ରତିଯୋଗିତାରେ ଇମ୍ଫା କମ୍ପାନୀକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ଆୟୋଜିତ ଉଦ୍‌ଯାପିତ ଉତ୍ସବରେ ଡ଼ିଜିଏମ୍‌ଏସ୍(ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ) ଏସ୍.ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗତ ୨୬ ଓ ୨୭ ତାରିଖ ଦୁଇ ଦିନଧରି କୋଇଲା ଖଣି ଅଞ୍ଚଳ ବ୍ରଜରାଜନଗରଠାରେ ୯ଟି ଖଣିକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟକରୁଥିବା ଇମ୍ଫା କମ୍ପାନୀର ମହାଗିରୀ କ୍ରୋମାଇଟ ଖଣି ଓ ୮ଟି କୋଇଲା ଖଣିର ଦୁର୍ଘଟଣା ଉଦ୍ଧାରକାରୀ ଦଳ ଭାଗ ନେଇ ନିଜନିଜ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ଇମ୍ଫା କମ୍ପାନୀ ମହାଗିରୀ ଖଣିର ଉଦ୍ଧାରକାରୀ ଦଳକୁ ମାର୍ଚ୍ଚ ଫାଷ୍ଟ ବିଭାଗ ଓ ଥିଓରୀ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏହି ଅବସରରେ ଡ଼ିଜିଏମ୍‌ଏସ୍ ଖଣିରେ କୌଣସି ଦୁର୍ଘଟଣା ସମୟରେ ଖଣିର ଉଦ୍ଧାରକାରୀ ଦଳକୁ ଓଡ଼ିଶାର ସମସ୍ତ ଖଣିରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଡ଼ିଏମ୍‌ଏସ୍, ରାୟଗଡ଼ ଡିଏମ୍‌ଏସ୍, ଛତିଶଗଡ଼ ଡିଏମ୍‌ଏସ୍ ସମେତ ଇମ୍ଫା କମ୍ପାନୀ ବରିଷ୍ଠ ଉପସଭାପତି ସଞ୍ଜୀବ ଦାସ ଓ ପରିଚାଳକ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇଥିଲେ।

## ■ ଯାଜପୁରରେ କଳାହାଣ୍ଡିର ମହୁରି ମହୋତ୍ସବ

# ପଶ୍ଚିମକୁ ପୂର୍ବ ଭାଗ ସହ ଯୋଡିବାର ଅଭିନବ ପ୍ରୟାସ

**ଯାଜପୁର ଅଫିସ, ୨୮।୧୦**

ଏକାଦଶତମ ମହୁରି ମହୋତ୍ସବ-୨୦୧୮ ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ରବିବାର ପାଳିତ ହୋଇଯାଇଛି। କନ୍ଧମାଳ ଲୋକସଭା ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମହୁରିର କଳାହାଣ୍ଡିରୁ ଯାଜପୁର ଯାତ୍ରା ନିଶ୍ଚିତ ଭାବେ ସାହିତ୍ୟ ଜଗତକୁ ଏକ ବାର୍ତ୍ତା ଦେଇଛି ବୋଲି ପ୍ରକାଶ କରିଥିଲେ। ମହୁରିର ମୁଖ୍ୟ ସଂପାଦକ ଭବାନୀଶଙ୍କର ନିଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ସମାଲୋଚକ ହରପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହୁରି କେବଳ ଏକ ସାହିତ୍ୟ ପତ୍ରିକା ନୁହେଁ ବରଂ ଏହା ଏକ ଆନ୍ଦୋଳନରେ ପରିଣତ ହୋଇସାରିଛି। ପଶ୍ଚିମ ଓଡିଶାର କଳା ଓ ସଂସ୍କୃତିର ମାଟି କଳାହାଣ୍ଡିରୁ ଜନ୍ମ ନେଇଥିବା ଏହି ପତ୍ରିକା ଏକ ସାହିତ୍ୟ ଆନ୍ଦୋଳନ ସ୍ୱରୂପ। ଯାଜପୁର ସହରରେ ଏକାଦଶତମ ଉତ୍ସବ ପାଳନ କରିବା ଓଡିଆ ସାହିତ୍ୟ ପାଇଁ ନିଶ୍ଚିତ ଭାବେ ଏକ ଶୁଭ ସୂଚନା । ଏହା ଓଡିଶାର ପଶ୍ଚିମକୁ ପୂର୍ବ ଭାଗ ସହିତ ଯୋଡିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ବୋଲି ଦାସ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯୁବ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କୁ ୨୦୧୮ ବର୍ଷ ପାଇଁ ମହୁରି ସମ୍ମାନ ପ୍ରଦାନ କରାଯାଇଥିଲା। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଶିଷ୍ଟ ଗାଳ୍ପିକ ତଥା ମହୁରିର ସମ୍ପାଦକ ସୁକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ କବି ତଥା ଗବେଷକ ସୁଶୀଳ କୁମାର ବାଗ ଅତିଥି ପରିଚୟ ପ୍ରଦାନ ଓ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ମଞ୍ଚ ପରିଚାଳନା କରିଥିଲେ । ଯୁବଲେଖକ ତଥା ମହୁରିର ସହସମ୍ପାଦକ ସୁଶୀଲ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ହରପ୍ରସାଦ ଦାସ ମୁଖ୍ୟଅତିଥି, ବରିଷ୍ଠ କବି ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି, କବି ପ୍ରଭାକର ଶତପଥି ଯୋଗ ଦେଇଥିଲେ। କବି ବିରଜା ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାବ୍ୟୋତ୍ସବକୁ ସଂଯୋଜନା କରିଥିଲେ ଯୁବ କବି ସୁବ୍ରତ ଜେନା ଓ ସର୍ବାଣୀ ଦାସ। ଏଥିରେ ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ପୁରୀ, କଟକ, ବାଲେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା ସମେତ ରାଜ୍ୟର ବିଭିନ୍ନ ଜିଲାର ୨୦୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇ କବିତା ପାଠ କରିଥିଲେ।



ମହୁରି ମହୋତ୍ସବରେ ଅତିଥିମାନେ ମହୁରି ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

**ଯୁବ ପ୍ରାବନ୍ଧିକ ଚନ୍ଦ୍ରଶେଖର ପାଇଲେ ମହୁରି ସମ୍ମାନ**

### କଲରଙ୍ଗୀରେ ଭାଜପାର କର୍ମୀ ବୈଠକ

**କାଳିଆପାଣି, ୨୮।୧୦(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଭାଜପା ପକ୍ଷରୁ ରବିବାର ଖଣି ଅଞ୍ଚଳ କଲରଙ୍ଗୀଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ମିଡ଼ିଆସେଲ ସମ୍ପାଦକ ଲମ୍ବୋଦର ମହାନ୍ତଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପଞ୍ଚାୟତ ସଭାପତି, ସମ୍ପାଦକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦିଲ୍ଲୀପ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ସଲିଲ କୁମାର ପଣ୍ଡା ପରିଚାଳନା କରିଥିଲେ । ବୈଠକରେ କର୍ମୀମାନଙ୍କୁ ପୂର୍ବ ବୈଠକ ସମ୍ବନ୍ଧରେ ଆଲୋକପାତ କରିବା ପରେ ଆଗାମୀ ଦିନରେ ଦଳର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଛି। ମିଡ଼ିଆସେଲ ସମ୍ପାଦକ କର୍ମୀମାନଙ୍କୁ ଖଣି ଅଞ୍ଚଳର ସମସ୍ତ ପଞ୍ଚାୟତରେ କର୍ମୀ ଚୟନ କରିବା ବିଷୟରେ ଗୁରୁମନ୍ତ୍ର ପ୍ରଦାନ କରିବା ସହ ଦଳର କାର୍ଯ୍ୟ ଶୈଳୀ ବୁଝାଇଥିଲେ । ଅନ୍ୟମାନଙ୍କର ମଧରେ ନରୋତମ ମହାନ୍ତ, କୈଳାଶ ମହାକୁଡ଼, ପ୍ରଶନ୍ନ ମହାନ୍ତ, ମହେଶ୍ୱର ସାମଲ, ସଚ୍ଚିଦାନନ୍ଦ ମୁର୍ମୁ, ରାଜାରାମ ମାରାଣ୍ଡି, ଘାସିରାମ ହେମ୍ବ୍ରମଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ବିଜେଡି ପଦଯାତ୍ରାରେ କର୍ମୀ ସମାଗମ ନୈରାଶ୍ୟଜନକ

**ରସୁଲପୁର, ୨୮।୧୦(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତରେ ଧର୍ମଶାଳା ବିଜେଡି ପକ୍ଷରୁ ଶନିବାର ପୂର୍ବାହ୍ନରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଣବ କୁମାର ବଳନ୍ତରାୟ ପଦଯାତ୍ରାରେ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତର ପଦଯାତ୍ରାର ନେତୃତ୍ୱ ସରପଞ୍ଚ ସୁରଜିତ ମହାନ୍ତି ନେଇଥିଲେ। ପଦଯାତ୍ରା ସମୟରେ ପଞ୍ଚାୟତରୁ ବିଧାୟକଙ୍କ କେତେଜଣ ହାତଗଣତି ଅନୁଗତଙ୍କୁ ଛାଡି ଦେଲେ ଦଳୀୟ କର୍ମୀଙ୍କ ସମାଗମ ନିରୁତ୍ସାହଜନକ ଥିଲା। ଏଭଳି ସ୍ଥିତି ହେବ ବୋଲି ସରପଞ୍ଚ ଓ ତାଙ୍କର ସମର୍ଥକମାନେ ବୋଧହୁଏ ପୂର୍ବରୁ ଜାଣିସାରିଥିଲେ। ବିଧାୟକଙ୍କ ପଦଯାତ୍ରା ସମୟରେ ଜନ ସମାଗମ ପାଇଁ ଧର୍ମଶାଳା ବ୍ଲକ ବିଜୁ ଜନତା ଦଳର ମହିଳା ଓ ଯୁବ ସଂଗଠନର ସହାୟତା ନିଆଯାଇଥିଲା। ବିଧାୟକଙ୍କ ସହ ଧର୍ମଶାଳା ବ୍ଲକ ନାରୀନେତ୍ରୀ ଓ ଯୁବନେତାମାନେ ୪/୫ଟି ବିଳାସପୂର୍ଣ୍ଣ ଗାଡିରେ ଆସି ବେତଣ୍ଡା ନିକଟରେ ପହଞ୍ଚିଥିଲେ। ପଞ୍ଚାୟତର ହାତଗଣତି କର୍ମୀଙ୍କୁ ନେଇ ପଦଯାତ୍ରା ଆରମ୍ଭ କରିଥିଲେ। ଧର୍ମଶାଳା ବ୍ଲକରୁ ଆସିଥିବା ବିଧାୟକ ସମର୍ଥକମାନେ ପଦଯାତ୍ରାର ମଙ୍ଗୁଆଳ ସାଜିଥିଲେ। ଅବଶ୍ୟ ପରେ କିଛି ଦଳୀୟ କର୍ମୀ ଆସି ପଦଯାତ୍ରାରେ ସାମିଲ ହୋଇଥିଲେ। ପଞ୍ଚାୟତରେ ଧର୍ମଶାଳା ବିଧାୟକ ପ୍ରଣବଙ୍କ ପଦଯାତ୍ରା ପ୍ରଭାବଶୂନ୍ୟ ବୋଲି ଆଲୋଚନା ହେଉଛି। ବିଜେଡି ଭିତରେ ଥିବା ଗୋଷ୍ଠୀକନ୍ଦଳ ଯୋଗୁ ଏଭଳି ଘଟୁଥିବା ଚର୍ଚ୍ଚା ହେଉଛି। ପଞ୍ଚାୟତ ନିର୍ବାଚନ ସମୟରେ ସରପଞ୍ଚ ବିଧାୟକଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସମର୍ଥକଙ୍କୁ ଅଣଦେଖା କରି ସେ ବିଧାୟକଙ୍କ ସହ ହାତ ମିଳାଇଥିଲେ। ଏ ନେଇ ସରପଞ୍ଚ ମହାନ୍ତିଙ୍କ ବିରୋଧରେ ପଞ୍ଚାୟତବାସୀଙ୍କର ତୀବ୍ର ଅସନ୍ତୋଷ ରହିଆସୁଛି। ଏହିଭଳି ଭାବେ ବାଦବିବାଦ ଯୋଗୁ ପଞ୍ଚାୟତରେ ବିଜେଡି ପଦଯାତ୍ରା ପ୍ରଭାବଶୂନ୍ୟ ହୋଇ ପଡିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସୁରଜିତ ମହାନ୍ତିଙ୍କୁ ପଚାରିବାରୁ ଧର୍ମଶାଳା ବ୍ଲକରୁ ବିଧାୟକଙ୍କ ସହ କିଛି ସମର୍ଥକ ଆସିଥିବା କଥାକୁ ସ୍ୱୀକାର କରିଛନ୍ତି । ମାତ୍ର ତାଙ୍କ ପଞ୍ଚାୟତର ସମର୍ଥକମାନେ ପଦଯାତ୍ରା ସମୟରେ ଉପସ୍ଥିତ ଥିଲେ ବୋଲି କହିଛନ୍ତି।

**ବାରବାଟୀ ପଞ୍ଚାୟତ**

### ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଦିବସ ପରିବର୍ତ୍ତନ ପାଇଁ ବୈଠକ

**ବିରଜାକ୍ଷେତ୍ର, ୨୮।୧୦(ଡି.ଏନ୍.ଏ):** ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ତରଫରୁ ଆସନ୍ତା ୧ ଓ ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ଦିବସ ପରିବର୍ତ୍ତନ କରିବା ପାଇଁ ଏକ ଜରୁରୀ ବୈଠକରେ ସ୍ଥିର କରାଯାଇଛି । ଜିଲାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉକ୍ତ ଦିନ ଅର୍ଦ୍ଧବାର୍ଷିକ ପରୀକ୍ଷା ହେବାକୁ ଥିବାରୁ ପ୍ରତିଯୋଗିତାକୁ ନଭେମ୍ବର ୧୫ ଓ ୧୬ ତାରିଖକୁ ପରିବର୍ତ୍ତନ କରାଯାଇଛି । ପୂର୍ବ ସୂଚୀ ଅନୁଯାୟୀ, ପରୀକ୍ଷା ଅନୁଷ୍ଠିତ ହେବ । ଏ ସମ୍ପର୍କରେ ଜିଲା ଓ ମଣ୍ଡଳ ଶିକ୍ଷାଧିକାରୀ ଏବଂ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ଅବଗତ କରାଯାଉଛି। ଏହି ଜରୁରୀ ମୈଠକରେ ଅଧିକାଂଶ ସଦସ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ସଭ୍ୟ ଓ ଉପଦେଷ୍ଟା ବନବିହାରୀ ମହାପାତ୍ରଙ୍କ ଆର୍ଥିକ ସହାୟତା ଓ ଉପଦେଶ ଦେଇଥିଲେ। ଯୁଗ୍ମ ସମ୍ପାଦକ ପାଣ୍ଡବ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### କିନ୍ନରଙ୍କ ପାଇଁ ସିଲେଇ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ




ସିଲେଇ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ କିନ୍ନରମାନେ।

**ଯାଜପୁର ଅଫିସ, ୨୮।୧୦:** କିନ୍ନରଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଜପୁରରୋଡ ପଦ୍ମପୁରଠାରେ ରବିବାର ଏକ ସିଲେଇ ଶିକ୍ଷା କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି। କିନ୍ନର ଲଭ୍‌ଲି ସାହୁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ କିନ୍ନରମାନେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲେସ ଆଣ୍ଡ ବ୍ଲିସର ଅଧକ୍ଷ ମହମ୍ମଦ ଆକ୍ରମୁଦ୍ଦିନ ଅନସାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଗୀତା, ଝୁମକି, ପ୍ରିୟା, ବେବି, ସନ୍ତୋଷୀ, ରୋଜୀ, ମାନସୀ, ରୋଶନୀ, ରାଣୀ, କୁନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ■ କୃଷକ ସଂଗଠନର ରାଜ୍ୟସ୍ତରୀୟ ପଦଯାତ୍ରା ଆଜିଠାରୁ ଆରମ୍ଭ

# ଚାଷୀଙ୍କ ବାସ୍ତବ ସମସ୍ୟାକୁ ଅଣଦେଖା

**ରସୁଲପୁର, ୨୮।୧୦(ଡିଏନଏ)**

ରସୁଲପୁର ବ୍ଲକର କୁଆଖିଆ ବାଜରରୁ ନବନିର୍ମାଣ କୃଷକ ସଂଗଠନ ତାର ପଦଯାତ୍ରା ଆରମ୍ଭ କରିବ। ଏହି ପଦଯାତ୍ରା ସୋମବାରଠାରୁ ଯାଜପୁର ଜିଲାରୁ ବାହରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ନଭେମ୍ବର ୫ରେ ଚାଷୀମାନେ ସମାବେଶରେ ଯୋଗଦେବେ। ଚାଷୀଙ୍କୁ ପ୍ରାଇଜ୍, ପ୍ରେଷ୍ଟିଜ୍, ପେନସନ ଓ ସୁରକ୍ଷା ଭତ୍ତା ଦାବିରେ ଏହି ଆନ୍ଦୋଳନ ସପ୍ତାହବ୍ୟାପି ଚାଲିବ। ଏହିଭଳି ଭାବେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ବ୍ଲକ ଅଞ୍ଚଳରେ କରାଯାଉଥିବା ବେଳେ ସଂଗଠନ କାର୍ଯ୍ୟ ଦୀପତଳ ଅନ୍ଧାର ସଦୃଶ ମନେହେଉଛି । ଏହି ଅଞ୍ଚଳର ଚାଷୀ ନାନା ସମସ୍ୟାରେ ସନ୍ତୁଳି ହେଉଥିବା ବେଳେ ସଂଗଠନ ପକ୍ଷରୁ ସେଥିପ୍ରତି ଧ୍ୟାନ ଦିଆଯାଉ ନାହିଁ। ପ୍ରୟୋଗଶାଳାର ଚାଷୀଙ୍କ ବାସ୍ତବ ସମସ୍ୟାକୁ ଅଣଦେଖା କରାଯାଉଛି ବୋଲି ଚାଷୀଙ୍କ ମହଲରେ ଚର୍ଚ୍ଚା ହେଉଛି।

ରସୁଲପୁର ବ୍ଲକକୁ ସ୍ୱତନ୍ତ୍ର କୃଷି ବ୍ଲକର ମାନ୍ୟତା ପ୍ରଦାନ ପାଇଁ ଚାଷୀ ମହଲରେ ଦାବି ହେଉଛି। ପନିପରିବା ଚାଷ ପାଇଁ ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ବ୍ଲକର ସ୍ୱତନ୍ତ୍ର ଖ୍ୟାତି ରହିଛି। ଏହି ବ୍ଲକର ଚାଷୀଙ୍କୁ ସରକାରୀ ସହାୟତାରୁ ଲାଭ ମିଳୁନି । ଏହି ଅଞ୍ଚଳଟି ୨ଟି ନଦୀର ମଧ୍ୟବର୍ତ୍ତୀ ସ୍ଥଳରେ ଅବସ୍ଥିତ ହୋଇଥିବାରୁ ମାଟିର ଉର୍ବରତାରୁ ଚାଷୀଙ୍କୁ ଫାଇଦା ମିଳୁଛି। ଗୋଟିଏ ବର୍ଷରେ ଚାଷୀ ଜମିରୁ ଏକାଧିକ ଫସଲ ଅମଳ କରିବାରେ ସକ୍ଷମ ହୋଇପାରୁଛି। ସ୍ୱଳ୍ପ ମିଆଦୀ(ବିଆଳୀ) ଧାନ ଅମଳ କରି ପନିପରିବା ଚାଷ କରୁଛି। ଚିନାବାଦାମ, ସୋରିଷ, ବିରି, ଫେସି, ରାଶି ଭଳି ଅର୍ଥକାରୀ ଫସଲ ଚାଷ କରୁଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀଙ୍କର ନାନା କ୍ଷତି ଘଟୁଛି। ଏହାସତ୍ତ୍ୱେ ଯାହା କିଛି ଉତ୍ପାଦନ ହେଉଛି, ସେଥିପାଇଁ ସରକାରୀସ୍ତରରେ ରହିଥିବା ସୁବିଧା ଚାଷୀଙ୍କୁ ମିଳୁନାହିଁ। ଏଯାବତ୍ ବ୍ଲକ ଅଞ୍ଚଳରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇ ନାହିଁ। ବିଆଳୀ ଧାନକୁ ମଣ୍ଡିରେ ଗ୍ରହଣ କରାଯାଉ ନାହିଁ। ଧାନରେ ମିଳୁଥିବା ସରକାରୀ ରିହାତି ଚାଷୀଙ୍କୁ ମିଳୁନାହିଁ । ଏହି ସୁଯୋଗରୁ ବ୍ୟାବସାୟୀ ଫାଇଦା ଉଠାଉଛନ୍ତି। ଧାନ ବେପାରୀ ଗାଁ ଗଣ୍ଡାରେ ବୁଲି ଶାଗମାଛ ଦରରେ ଧାନ କିଣି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଧାନରେ ମିଳୁଥିବା ସରକାରୀ ସହାୟକ ମୂଲ୍ୟରୁ ଚାଷୀ ବଞ୍ଚିତ ହେଉଛି। ପନିପରିବା ଚାଷରେ ଏହି ଅଞ୍ଚଳ ଅଗ୍ରଣୀ ରହିଛି। ବାରବାଟୀର ଓଡଙ୍ଗ ଓ କୁଆଖିଆ ବଜାରରେ ଥିବା ପରିବା ବଜାରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ପନିପରିବା ଚାଲାଣ ହେଉଛି। ଚାଷୀ ତାର ଉତ୍ପାଦିତ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି କରୁଛି। ବାରବାଟୀ ହାଟରେ ସରକାରୀ ମଣ୍ଡି ଖୋଲିବା ଦିଗରେ ସଂଗଠନ ପକ୍ଷରୁ ଦାବି ହେଉ ନାହିଁ। ବଜାର ଅଞ୍ଚଳରେ ଶୀତଳ ଭଣ୍ଡାର ଖୋଲିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟରେ ଚାଷରେ ହେଉଥିବା କ୍ଷୟକ୍ଷତିକୁ ନେଇ ରାଜନୀତି ହେଉଛି। ହେଲେ ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ। ଫସଲଜନିତ କ୍ଷୟକ୍ଷତିର ସରକାରୀ ସହାୟତା ଭାଗଚାଷୀଙ୍କୁ ମିଳିପାରୁ ନାହିଁ। ରବି ଓ ଖରିଫ୍ ଋତୁରେ ସରକାରୀ ବିହନ ଏହି ଅଞ୍ଚଳର ଚାଷୀଙ୍କ କାମରେ ଆସୁନାହିଁ। ସରକାରୀ ବିହନ ପହଲା ବେଳକୁ ଏଠାରେ ଚାଷକାର୍ଯ୍ୟ ସରିଯାଉଛି । ଏ ଦିଗରେ ସରକାରୀ ସହାୟତା ଚାଷୀଙ୍କୁ ମିଳୁନାହିଁ। ଏହିଭଳି ନାନା ସମସ୍ୟା ଚାଷୀମାନେ ସମ୍ମୁଖୀନ ହେଉଛନ୍ତି। ସଂଗଠନ ପକ୍ଷରୁ ଚାଷୀଙ୍କ ଏ ସବୁ ସମସ୍ୟାକୁ ଅଣଦେଖା କରାଯାଉଛି। ମାତ୍ର ଅପରପକ୍ଷରେ ସଂଗଠନ ଆନ୍ଦୋଳନକୁ ଚିରାଚରିତ ଢଙ୍ଗରେ ଚାଲୁ ରଖିଛି । ସଂଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିବା ଏହି ଅଞ୍ଚଳର ଚାଷୀଙ୍କର ବାସ୍ତବ ସମସ୍ୟାକୁ ଅଣଦେଖା କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ରାଜ୍ୟ ସଂଯୋଜକ ନିମାଇଁ ରାୟଙ୍କୁ ପଚାରିବାରୁ, ରାଜ୍ୟସ୍ତରୀୟ ସମସ୍ୟାକୁ ନେଇ ସଂଗଠନ ଆନ୍ଦୋଳନ କରୁଛି। ରସୁଲପୁର ବ୍ଲକ ଅଞ୍ଚଳର ଚାଷୀଙ୍କ ମୌଳିକ ସମସ୍ୟାକୁ ନେଇ ସଂଗଠନ ଆଗାମୀ ଦିନରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ବ୍ଲକକୁ ସତନ୍ତ୍ର କୃଷି ବ୍ଲକ ମାନ୍ୟତା ଦାବି ଉଠାଇବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

**ରସୁଲପୁର ବ୍ଲକ**
■ଧାନରେ ମିଳୁଥିବା ସରକାରୀ ରିହାତି ଚାଷୀଙ୍କୁ ମିଳୁନି
■ରସୁଲପୁର ବ୍ଲକକୁ ସ୍ୱତନ୍ତ୍ର କୃଷି ବ୍ଲକର ମାନ୍ୟତା ଦାବିକୁ ଅଣଦେଖା



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲଟାୟାର



## ସଂକ୍ଷେପରେ

### ନୂତନ ଜିଆର୍‌ଏସ୍ ନିଯୁକ୍ତ

କୋରେଇ,୨୮।୧୦(ସ୍ୱ.ପ୍ର.): କୋରେଇ ବ୍ଲକ ପାଣିକୋଇଲି ଓ ପଥରପଦା ପଞ୍ଚାୟତର ଯୁଗ୍ମ ଦାୟିତ୍ୱରେ ଥିବା ଜିଆର୍‌ଏସ୍ ସସ୍ମିତା ବେହେରା ଦୁର୍ନୀତି ଅଭିଯୋଗରେ ଜେଲ୍‌ଯିବା ପରେ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଜିଆର୍‌ଏସ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା. ୫୫୨୪ ନିର୍ଦ୍ଦେଶ ଅନୁଯାୟୀ,ବ୍ଲକ ପତ୍ର ସଂଖ୍ୟା. ୫୫୨୬ ଜରିଆରେ ମୂଳାପାଳ ପଞ୍ଚାୟତର କାର୍ଯ୍ୟରତ ଜିଆର୍‌ଏସ୍ ସସ୍ମିତା ସାହୁଙ୍କୁ ମୂଳାପାଳ ସମେତ ପାଣିକୋଇଲି ଓ ପଥରପଦା ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ଶ୍ରୀ ବିରଜା ସେବା ସମିତିର ମାସିକ ବୈଠକ

ବିରଜାକ୍ଷେତ୍ର,୨୮।୧୦(ଡି.ଏନ୍.ଏ.): ବିରଜା ମନ୍ଦିର ପରିସରରେ ରବିବାର ଶ୍ରୀ ବିରଜା ସେବା ସମିତିର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିଶ୍ୱମ୍ଭର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଥମେ ମା'ଙ୍କ ସ୍ତୋତ୍ରପାଠ ପରେ ସମିତି ସଭ୍ୟ ନିର୍ମଳ ନାୟକଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ପାଣ୍ଡବ ଚରଣ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ସେବା ସମିତି ତରଫରୁ ଆୟୋଜିତ ରଥଯାତ୍ରା ଧାରାବିବରଣୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆୟବ୍ୟୟର ସମୀକ୍ଷା କରାଯାଇଥିଲା । ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିବା ସଭ୍ୟଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଗଦାଧର ରାଉତ, କାଶୀନାଥ ସାହୁ, ବିନୋଦ ବିହାରୀ ନାୟକ, ସଞ୍ଜୀବ କୁମାର ମହାନ୍ତିଙ୍କୁ ସମିତିର ଆଜୀବନ ସଭ୍ୟଭାବେ ଗ୍ରହଣ କରାଯାଇଥିଲା । ବନବିହାରୀ ମହାପାତ୍ର, ବୃନ୍ଦାବନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପାଠୀ, ସୁବାସ ଚନ୍ଦ୍ର ମହାନ୍ତି, ମଧୁସୂଦନ ମହାନ୍ତି, ହରିହର ବେହେରା, ଅଧିକାରୀ ନବକିଶୋର ଦାସ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ୩ ପରିବାରଙ୍କ ୧୦ ବଖରା ଜଳିଗଲା

ବାଲିକୁଦା,୨୮।୧୦(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତର ମନ୍ଦାରକଣ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ୩ ପରିବାରଙ୍କ ୧୦ ବଖରା ଭସ୍ମୀଭୁତ ହୋଇଯାଇଛି। ଶର୍ଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବାଲିକୁଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ ଗ୍ରାମର ସଞ୍ଜୟ ସ୍ୱାଇଁଙ୍କ ଘରେ ପ୍ରଥମେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ତାଙ୍କ ଭାଇ ଅରୁଣ ସ୍ୱାଇଁ ଓ ଦିଲୀପ ସ୍ୱାଇଁଙ୍କ ଘରକୁ ନିଆଁ ବ୍ୟାପିଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୩ ପରିବାରଙ୍କ ସମସ୍ତ ଆସବାବପତ୍ର, ଧନ ସମ୍ପତ୍ତି ପୋଡ଼ିଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଲୋଚନାଚକ୍ର

ବରୀ,୨୮।୧୦(ସ୍ୱ.ପ୍ର.): ଯାଜପୁର ଜିଲା ରତ୍ନଗିରି-ଉଦୟଗିରି ରାସ୍ତାର ବାଲିକୁଦାଠାରେ ରବିବାର ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଦେବେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମାନସିକ ରୋଗର ଲକ୍ଷଣ ଓ ଏହାକୁ ପ୍ରତିରୋଧ କରିବାର ଉପାୟ ଉପରେ ପ୍ରଭାସ ଚନ୍ଦ୍ର ପରିଡା ଆଲୋଚନା କରିଥିଲେ। ରାତିରେ ନିଦ ନ ହେବା, ବାରମ୍ବାର ଦୁଃସ୍ୱପ୍ନ ଦେଖିବା, ଡର ଲାଗିବା, ହଠାତ୍ ରାଗିଯିବା, ସ୍ମରଣଶକ୍ତି ହ୍ରାସ ପାଇବା, ମଉନ ରହିବା, ବାରମ୍ବାର ଚିନ୍ତା କରିବା ଆଦି ମାନସିକ ରୋଗର ଲକ୍ଷଣ ବୋଲି ସେ କହିଥିଲେ। ମାଦକ ଦ୍ରବ୍ୟ ସେବନ ନ କରିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା, ନିୟମିତ ଶାରୀରିକ ପରିଶ୍ରମ କରିବା, ମିୟମିତ ଭାବେ ଯୋଗାଭ୍ୟାସ କଲେ ମାନସିକ ରୋଗକୁ ପ୍ରତିରୋଧ କରିହେବ ବୋଲି ଆଲୋଚନାଚକ୍ରରେ କହିଥିଲେ। ଜିତେନ୍ଦ୍ର ନନ୍ଦ, ବରଦା ପ୍ରସନ୍ନ ସାହୁ, ଅନିରୁଦ୍ଧ ବେଉରିଆ, ଘନଶ୍ୟାମ ବିଶ୍ୱାଳ, ବଳରାମ ବେହେରା, ଜ୍ଞାନେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ଭାଜପାର ମିଶ୍ରଣ ପର୍ବ

# ଦମ୍ ଦେଖାଇଲା ଭାଜପା, ବିଚଳିତ ବିଜେଡି

ଯାଜପୁର ଅଫିସ,୨୮।୧୦

ଯାଜପୁର ଜିଲାର ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମ କରି ଭାଜପା ନିଜର ଦମ୍ଭ ଦେଖାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସିଂହପୁରରେ ମିଶ୍ରଣ ପର୍ବ ଓ ସେଠାରେ ସେ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ପ୍ରକାଶ କରିବା ପରେ ବିଜେଡି ବିଚଳିତ ହୋଇପଡ଼ିଥିବା କୁହାଯାଉଛି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଗସ୍ତ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ କୌଣସି ଫରକ ପକାଇବ ନାହିଁ ବୋଲି ବିଜେଡି କହିଛି। ଲୋକଙ୍କ ସମାଗମ ଓ ଭାଜପାରେ କେତେଜଣ ତୁଙ୍ଗ ନେତାଙ୍କ ମିଶ୍ରଣ କିଛିଟା ପରିବର୍ତ୍ତନ ଆଣିବ ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି ୨୦୧୪ ସାଧାରଣ ନିର୍ବାଚନ ପରେ କେତେକ ଘଟଣାକୁ ଅବଲୋକନ କଲେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ଅଣାୟତ୍ତ ହେଉଥିବା ସ୍ପଷ୍ଟ ମନେହେଉଛି। ଆବାସ ଯୋଜନା, ଡ୍ରେନେଜ, ଜଳସେଚନ ଆଦି ଲୋକହିତକର ଯୋଜନାରେ ଲୁଟ୍ ଓ ଅନିୟମିତାରେ କେତେଜଣ ରାଜନେତାଙ୍କ ସିଧାସଳଖ ହାତ ରହିଛି। ଯେଉଁ ଅଧିକାରୀମାନେ କାଗଜପତ୍ରକୁ ଓଲଟପାଲଟ କରି ଲକ୍ଷାଧିକ ଟଙ୍କା ଚଳୁ କରିବାରେ ସିଦ୍ଧହସ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ଏଠାକାର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଇଙ୍ଗିତରେ ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ଇଓ)ଙ୍କ ବଦଳି ଆଦେଶର ମାତ୍ର ୨ଦିନ ମଧ୍ୟରେ ପୁଣି ସ୍ଥଗିତ ହେବା ଘଟଣା ଏହାକୁ ସ୍ପଷ୍ଟ କରିଛି। ବିଞ୍ଝାରପୁର ବ୍ଲକର ଜିପିଟିଏ (ଗ୍ରାମ ପଞ୍ଚାୟତ ଟେକନିକାଲ ଆସିଷ୍ଟାଣ୍ଟ)ଙ୍କ ବଦଳି ବାତିଲ ମଧ୍ୟ ରାଜନୈତିକ ମନମାନିକୁ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡ଼ିଆ ଓ ବିଜୁ ପକ୍କାଘର ଯୋଜନା ଅଧିକାଂଶ ଥିଲାବାଲାଙ୍କୁ ମିଳୁଛି। ଯେଉଁମାନେ ରାଜନେତାଙ୍କ ଅତି ନିକଟତର ଓ ନିର୍ବାଚନ ସମୟରେ ସହଯୋଗ କରୁଛନ୍ତି ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ବିଡମ୍ବନା ଯେ, ହିତାଧିକାରୀଙ୍କ କ୍ରମିକ ସଂଖ୍ୟାରେ ହାଇଜାକ, ଘର ଚୋରି ସାଙ୍ଗକୁ ଶ୍ରମ ଲୁଟ, ଜାଲ ଦସ୍ତଖତରେ ଲକ୍ଷାଧିକ ଟଙ୍କା ହଡ଼ପ ଆଦି ଅନିୟମିତତା ହେଉଥିବା ଦେଖାଯାଉଛି। ଏହାର ତଦନ୍ତ ପାଇଁ ଏକ ତଦନ୍ତକାରୀ କମିଟି ଗଠନ ହୋଇଛି। ହେଲେ ଏଯାଏ ବିଞ୍ଝାରପୁର ଆବାସ ଯୋଜନାର ତଦନ୍ତ କାଗଜକଲମରେ ସୀମିତ ରହିଛି। ଏହି ଦୁର୍ନୀତି ସମ୍ପର୍କରେ ପୂର୍ବତନ ସରପଞ୍ଚ ପ୍ରମାଣ ତଥ୍ୟ ସହ ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ଗତ ୨୦୧୭ ନଭେମ୍ବର ୧୨ରେ ଅଭିଯୋଗ କରିଥିଲେ। ଅଭିଯୋଗର ୧୧ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦୂରର କଥା ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ବି ଦାଖଲ ହୋଇ ପାରିନାହିଁ। ଅନ୍ୟମାନେ ନିଜ କ୍ଷମତା ବଳରେ ବହୁ ଦୁର୍ନୀତି କରୁଥିଲେ ହେଁ ସେଭଳି ବିରୋଧ ହୋଇ ପାରୁ ନ ଥିବାରୁ ତାହା ଲୋକଲୋଚନକୁ ଆସି ପାରୁନାହିଁ। ତେବେ ବିଞ୍ଝାରପୁରରେ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଉପରେ ଏକ କେନ୍ଦ୍ରୀୟ ଟିମ୍ ତଦନ୍ତ କରୁଛି। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିଞ୍ଝାରପୁର ଅଞ୍ଚଳରେ ନାନା ଦୁର୍ନୀତି ସମ୍ପର୍କରେ ପ୍ରକାଶ କରିବା ପରେ ଶାସକ ଦଳ ବିଚଳିତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ଗସ୍ତ କର୍ମୀଙ୍କୁ ଅଧିକ ଉତ୍ସାହିତ କରିଛି। ଆସନ୍ତା ୪ମାସ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହିକ୍ରମରେ ବିଞ୍ଝାରପୁରରେ ହୋଇଥିବା ବିଭିନ୍ନ ଦୁର୍ନୀତିକୁ ଅସ୍ତ୍ର କରି ନିର୍ବାଚନ ବୈତରଣୀ ପାର ହେବାକୁ ଭାଜପା ଆଶା ବାନ୍ଧିଛି। କଂଗ୍ରେସ ମଧ୍ୟ ନିଜର ବଳ ଫେରାଇ ଆଣିବାକୁ ପ୍ରାଣପଣେ ଉଦ୍ୟମ ଆରମ୍ଭ କରିଛି। ତେଣୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ସାଧାରଣ ନିର୍ବାଚନରେ କଡ଼ା ଟକ୍କର ହେବ ବୋଲି ଏବେଠୁ ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଅନ୍ୟପକ୍ଷେ ବିଜେଡି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାକୁ ପାଥେୟ କରି ଲୋକଙ୍କ ଅତି ନିକଟତର ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କୁ ପଚାରିବାରୁ, ସେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ମିଶ୍ରଣ ପର୍ବ ବିଜେଡିକୁ କୌଣସି ଫରକ ପକାଇବ ନାହିଁ । ମିଶ୍ରଣ ପର୍ବରେ ଲୋକଙ୍କ ଉପସ୍ଥିତି ହାସ୍ୟାସ୍ପଦ। ବିଜେଡିର ପଞ୍ଚାୟତସ୍ତରର କାର୍ଯ୍ୟକ୍ରମରେ ୩/୪ ହଜାର ଲୋକ ଉପସ୍ଥିତ ରହୁଛନ୍ତି। ଯେଉଁ ଦୁର୍ନୀତି କଥା ସେ ଉଠାଇଛନ୍ତି ସେଗୁଡିକ ତଦନ୍ତ ପରିସରଭୁକ୍ତ। ତଦନ୍ତ ପରେ ଦୁର୍ନୀତି ପ୍ରମାଣିତ ହେଲେ ଆଇନ ତା ବାଟରେ ଯିବ। ଯେଉଁମାନେ ଭାଜପାରେ ମିଶିଛନ୍ତି ସେମାନେ ପୂର୍ବରୁ ଭାଜପାରେ ହିଁ ଥିଲେ। ଆଜି କେବଳ ଲୋକଦେଖଣିଆ ମିଶିଛନ୍ତି ବୋଲି ସେ କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପାରେ ସାମିଲ ହୋଇଥିବା ବରିଷ୍ଠ ନେତୃବୃନ୍ଦ।



ମିଶ୍ରଣ ପର୍ବରେ ଯୋଗ ଦେଇଥିବା ଲୋକେ।

## ଇସ୍କନ ମନ୍ଦିର ଆନୁକୂଲ୍ୟରେ ୨୧ ଦିନ ଧରି ସଂକୀର୍ତ୍ତନ ପଦଯାତ୍ରା



ଇସ୍କନ ମନ୍ଦିର ଆନୁକୂଲ୍ୟରେ ସଂକୀର୍ତ୍ତନ ପଦଯାତ୍ରା।

ବିରଜାକ୍ଷେତ୍ର,୨୮।୧୦(ଡି.ଏନ୍.ଏ.)

ଯାଜପୁର ଲାଖବିନ୍ଧା ପଡ଼ିଆ ଇସ୍କନ ମନ୍ଦିର ଆନୁକୂଲ୍ୟରେ ରବିବାର ୨୧ ଦିନ ଧରି ସଂକୀର୍ତ୍ତନ ପଦଯାତ୍ରା ଆରମ୍ଭ ହୋଇଛି। ପରିଚାଳକ ହରିଭୂଷଣ ଦାସଙ୍କ ନେତୃତ୍ୱରେ ମନ୍ଦିର ନିକଟରୁ ପଦଯାତ୍ରା ବାହାରି ଯାଜପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳପରିକ୍ରମା କରିଥିଲେ। ସର୍ବପ୍ରଥମେ ଭୁବନେଶ୍ୱର ଇସ୍କନ ମନ୍ଦିରର ସଭାପତି ସ୍ୱାମୀ ପ୍ରେମାନନ୍ଦ ଦାସ, ଉପସଭାପତି ଉପେନ୍ଦ୍ର ଦାସ, ଶାଶ୍ୱତ ପତି, ଗୋକୁଳାନନ୍ଦ ଦାସ, କାଶୀନାଥ ପଣ୍ଡିତ, ସମୀହାନ ଦାସ ନାମ ସଂକୀର୍ତ୍ତନ ସହ ମନ୍ଦିର ମଧ୍ୟରେ ଭକ୍ତଙ୍କୁ ପ୍ରବଚନ ଦେଇଥିଲେ । ଏହି ଉତ୍ସବରେ ଭୁବନେଶ୍ୱରରୁ ଅନେକ ବୈଷ୍ଣବୀ ଓ ୨ ଶହରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ । ସ୍ୱାମୀ ପ୍ରଭୁପାଦଙ୍କ ପ୍ରତିମାକୁ ଭକ୍ତମାନେ ବାଦ୍ୟ, ଶଙ୍ଖ, ହୁଳହୁଳି ଓ ହରିବୋଲ ସହିତ ପଟୁଆରରେ ଆଣି ସୁସଜ୍ଜିତ ବଳଦଚାଳିତ ଶଗଡ଼ ମଧ୍ୟରେ ନିର୍ମାଣ ହୋଇଥିବା ମନ୍ଦିରରେ ଅବସ୍ଥାପିତ କରିଥିଲେ । ସ୍ୱାମୀ ପ୍ରେମାନନ୍ଦ ଦାସ, ପାଣ୍ଡବ ଚରଣ ସାହୁ, ନୃସିଂହ ଚରଣ ମହାପାତ୍ର ସଂକୀର୍ତ୍ତନ ଯାତ୍ରାର ଶୁଭାରମ୍ଭ କରିଥିଲେ । କୃଷ୍ଣଚନ୍ଦ୍ର ଦାସ, କିଶୋର ନାୟକ, ପ୍ରକାଶ ପୃଷ୍ଟି, ବାବୁନାଥ ଶର୍ମା, ନବକିଶୋର ଦାସ, ଧରଣୀଧର ସାହୁ, ଜ୍ଞାନରଞ୍ଜନ ସାହୁ, ଶ୍ରୀଧର ଦାସ, କୈଳାସ ନାୟକ, ଆନନ୍ଦ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ହିରଣ୍ୟକିଶୋର ସ୍ମୃତି ସଂସଦ ଆନୁକୂଲ୍ୟରେ ରକ୍ତଦାନ ଶିବିର

ବିରଜାକ୍ଷେତ୍ର, ୨୮।୧୦(ଡି.ଏନ୍.ଏ.)

ଯାଜପୁରର ଶାନ୍ତିମଣ୍ଡପଠାରେ ସାମାଜିକ କର୍ମୀ ସ୍ୱର୍ଗତ ହିରଣ୍ୟକିଶୋର କାନୁନ୍‌ଗୋ(ପାଗାବାବୁ)ଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ହିରଣ୍ୟକିଶୋର ସ୍ମୃତି ସଂସଦ ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସମାଜିକ କର୍ମୀ ହୃଷୀକେଶ ପତି ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ସଂସଦର ସ୍ଥାୟୀ ସଭାପତି ବଳଭଦ୍ର ଦାସ ପାଗାବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ ।ବିଷ୍ଣୁଚରଣ ବିହାରୀ ମୁଖ୍ୟବକ୍ତା, ମଧୁସୂଦନ ମାହୁନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମନୋଜ କୁମାର ରାଉତ, ଆନନ୍ଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ନନ୍ଦ, ଦିଗମ୍ବର କର, କାମେଶ୍ୱର ପଣ୍ଡା, ମଧୁସୂଦନ ମହାନ୍ତି, ବିଷ୍ଣୁଚରଣ ରାଉତ, ରାହାସ ବିହାରୀ ଦାସ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସୁଶାନ୍ତ କୁମାର ଦାସ, ଉତ୍କଳ ମହାପାତ୍ର, ପ୍ରମିଳା ସାହୁ, ସରପ କମଳିନୀ ଦାସ, ଗୀତରାଣୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଯାଜପୁର ବ୍ଲଡ ବ୍ୟାଙ୍କ ତରଫରୁ ବ୍ଲଡ ବ୍ୟାଙ୍କ ଅଧିକାରୀ ଶିବାଶୀଷ ମହାରଣା, ଟେକ୍ନିସିଆନ ଭରତ ଚନ୍ଦ୍ର ସାହୁ, ଲଳିତ କୁମାର ସାହୁ, ସହଯୋଗୀ ସୁଦର୍ଶନ ଦାସ, ଯଶୋବନ୍ତ ଜେନା, ହୃଷିକେଶ ଜେନା ଓ ଅରୁଣ କୁମାର ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ■ ଋଣ କରାଇଦେବାକୁ କହି ଟଙ୍କା ଲୁଟ୍

# ଠକେଇରେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ

କୋରେଇ,୨୮।୧୦(ସ୍ୱ.ପ୍ର.)

ଏକ ଫାଇନାନ୍ସ କମ୍ପାନୀରୁ ଋଣ କରିଦେବାକୁ କହି ଜଣେ ଗ୍ରାହକଙ୍କଠାରୁ ଚେକ୍ ମାଧ୍ୟମରେ ୩୫ ହଜାର ଟଙ୍କା ଲୁଟ୍ ହୋଇଥିବା ରବିବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଏହି ଠକେଇରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ହାତ ଥିବା ଏବଂ କେତେଜଣ ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହଯୋଗରେ ଦିନ ଦ୍ୱିପ୍ରହରରେ ଲୁଟ୍ ହୋଇଥିବା ଗ୍ରାହକ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ପଦ୍ମନାଭ ଗିରି(୫୨) ଥାନା ଅଞ୍ଚଳରେ ଏକ ଦୋକାନ କରିବା ସହ ଷଠିପୁରସ୍ଥିତ ଆନ୍ଧ୍ରା ବ୍ୟାଙ୍କରେ ଏକ ସଞ୍ଚୟ ଖାତା ଖୋଲିଥିଲେ। କିଛିଦିନ ତଳେ ଅନୂପ କୁମାର ଦାସ ନାମକ ଜଣେ ଯୁବକ ନିଜକୁ ରିଲାଏନ୍ସ ଫାଇନାନ୍ସ କମ୍ପାନୀର ଋଣ ଅଧିକାରୀ ଭାବେ ପରିଚୟ ନେଇ ପଦ୍ମନାଭଙ୍କୁ ଋଣ କରାଇଦେବାକୁ କହିଥିଲେ। ନେଇ ତାଙ୍କଠାରୁ ଆବଶ୍ୟକ କାଗଜପତ୍ର ସହ ସଠିପୁର ଚେକ୍ ମଧ୍ୟ ନେଇଥିଲେ। ପଦ୍ମନାଭ ଉକ୍ତ କର୍ମଚାରୀଙ୍କୁ (ଚେକ୍ ନଂ. ୦୦୧୨ରୁ ୦୦୧୭) ୫ଟି ଚେକ୍ ଦେଇଥିଲେ। ହେଲେ ଦସ୍ତଖତ ଯାଞ୍ଚ ପାଇଁ ୦୦୧୨ ନଂ. ଚେକ୍‌ରେ ଦସ୍ତଖତ କରିଥିବାବେଳେ ଅନ୍ୟ ଚେକ୍‌ଗୁଡ଼ିକରେ ଦସ୍ତଖତ କରି ନ ଥିବା ପଦ୍ମନାଭ ଅଭିଯୋଗରେ କହିଥିଲେ। ହେଲେ କିଛିଦିନ ପରେ ଚେକ୍ ନଂ. ୦୦୧୭ ମାଧ୍ୟମରେ ତାଙ୍କ ଆକାଉଣ୍ଟରୁ ୩୫ ହଜାର ଟଙ୍କା ଉଠାଣ ହୋଇଥିବା ଫୋନ୍‌କୁ ମେସେଜ୍ ଆସିଥିଲା। ଏ ନେଇ ପଦ୍ମନାଭ ବ୍ୟାଙ୍କରେ ଯାଇ ପଚରାଉଚରା କରିବା ପରେ ଚେକ୍‌ରେ ତାଙ୍କ ଦସ୍ତଖତ ଥିବାରୁ ବ୍ୟାଙ୍କ ପକ୍ଷରୁ ଟଙ୍କା ଦିଆଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ହେଲେ ଦସ୍ତଖତ ଯାଞ୍ଚ କରି ଟଙ୍କା ଉଠାଣ କରାଯାଇଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ଜାଣିପାରି ନ ଥିଲେ, ସେ ନେଇ ପଦ୍ମନାଭ ପ୍ରଶ୍ନ ଉଠାଇବାରୁ ବ୍ୟାଙ୍କ ମ୍ୟାନେଜର ତାଙ୍କୁ ଗାଳିଗୁଲଜ କରି ତଡ଼ିଦେଇଥିବା ପଦ୍ମନାଭ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ମାମଲା ରୁଜୁ କରି ନ ଥିଲେ ମଧ୍ୟ ଘଟଣାର ତଦନ୍ତ ଜାରି ରହିଛି।

## ଏମ୍‌ପିଙ୍କୁ ଶିକ୍ଷକ କର୍ମଚାରୀ ସଂଘର ଦାବିପତ୍ର

କୁଜଙ୍ଗ,୨୮।୧୦(ସ୍ୱ.ପ୍ର)

ପୁରୁଣା ପେନ୍‌ସନ ଦାବିରେ ଜଗତ୍‌ସିଂହପୁର ଜିଲା ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଏମ୍‌ପି କୁଳମଣି ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ତରଫରୁ ଶତାଧିକ ଶିକ୍ଷକ ଓ କର୍ମଚାରୀ ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିରରୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଜିଲା ପରିକ୍ରମା କରିଥିଲେ। ପରେ ଏମ୍‌ପିଙ୍କ କୁଜଙ୍ଗସ୍ଥିତ ବାସଭବନରେ ପହଞ୍ଚି ଦାବିପତ୍ର ଦେଇଥିଲେ। କେନ୍ଦ୍ର ସରକାର ୨୦୦୪ ଜାନୁୟାରୀରୁ ସାରା ଦେଶରେ ପୁରୁଣା ପେନ୍‌ସନ୍ ବଦଳରେ ନୂତନ ପେନ୍‌ସନ୍ ଯୋଜନା ଲାଗୁ କରିଛନ୍ତି। ସେହି କ୍ରମରେ ରାଜ୍ୟ ସରକାର ୨୦୦୫ ଜାନୁୟାରୀରୁ ନୂତନ ପେନ୍‌ସନ୍ ଯୋଜନା ଲାଗୁ କରିଛନ୍ତି। ତେଣୁ ୫୫ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ପୁରୁଣା ପେନ୍‌ସନ୍ ବଦଳରେ ନୂତନ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। କିନ୍ତୁ ଏହି ଯୋଜନାରେ କଟାଯାଉଥିବା ଅର୍ଥ ସେୟାର ବଜାରରେ ନିବେଶ କରାଯାଉଥିବାରୁ କର୍ମଚାରୀଙ୍କ ପାଣ୍ଠିର କୌଣସି ସୁରକ୍ଷା ରହୁନାହିଁ। ତେଣୁ ଜଣେ ଜଣେ କର୍ମଚାରୀ ଅବସର ପରେ ମାସକୁ ମାତ୍ର ୧୦୦୦ ରୁ ୧୨୦୦ ଟଙ୍କା ପେନ୍‌ସନ୍ ପାଉଛନ୍ତି। ଏହି ଯୋଜନାରେ ନା ସରକାର ନା ସରକାରୀ କର୍ମଚାରୀ କେହିବି ଉପକୃତ ହେଉନାହାଁନ୍ତି। ସେଥିପାଇଁ ସାରା ଦେଶରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ନଭେମ୍ବର ୨୬ରେ ସଂସଦ ଘେରାଉ କରାଯିବାର ପ୍ରସ୍ତାବ ରହିଛି। ଜିଲା ସଭାପତି ଅମରକାନ୍ତ ପଣ୍ଡା, ନରେଶ ଚନ୍ଦ୍ର ସାହୁ, ଶୁଭ୍ରଜିତ ପଣ୍ଡା, ଶିକ୍ଷକ ନେତା ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ୨ୟ ଦିନରେ କ୍ରିକେଟ୍ ଟୁର୍ନାମେଣ୍ଟ: ଜଗତପୁର କ୍ରିକେଟ କ୍ଲବ ବିଜୟୀ

ଛତିଆ,୨୮।୧୦(ଡି.ଏନ୍.ଏ.)



ବିକ୍ରମ ସାମଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଗ୍ରହଣ କରୁଛନ୍ତି।

ଛତିଆସ୍ଥିତ ଅମରାବତୀ କ୍ରିକେଟ୍ ପଡିଆରେ ପାଟଣା କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ମନ୍ମଥ ଆଣ୍ଡ ଗିରିଧାରୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ୨ୟ ଦିନରେ ପହଞ୍ଚିଛି। ମିଲନ୍ କ୍ରିକେଟ୍ କ୍ଲବ ଓ ଜଗତପୁର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜଗତପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ଉଇକେଟ୍ ହରାଇ ୨୬୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଣଜୀ ଖେଳାଳି ଗିରିଜା ରାଉତ ୩୦ ବଲ ଖେଳି ୪୯ ଏବଂ ବିକ୍ରମ ସାମଲ ୭୬ ବଲ୍ ଖେଳି ୧୪୦ ରନ୍ କରିଥିଲେ। ଜବାବରେ ମିଲନ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଦଳର ବିକ୍ରମ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ସୁକାନ୍ତ ପ୍ରଧାନ, ସତ୍ୟଜିତ୍ ପାତ୍ର ଖେଳ ପରିଚାଳନା କରିଥିଲେ । ସୋମବାର ଧର୍ମଶାଳା ଓ ଖୋସାଲ୍‌ପୁର ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ବିନା ସୂଚନା ଫଳକରେ ରାସ୍ତା କାମ ଆରମ୍ଭ

ବରୀ,୨୮।୧୦(ସ୍ୱ.ପ୍ର.)

ଯାଜପୁର ଜିଲା ବୌଦ୍ଧ କୀର୍ତ୍ତିରାଜି ମଣ୍ଡିତ ରତ୍ନଗିରି–ଉଦୟଗିରି–ଲଳିତଗିରି ପାହାଡ଼କୁ ୧୫ କି.ମି. ବ୍ୟାପୀ ସଂଯୋଗୀକରଣ ରାସ୍ତା ରହିଛି। ଏହି ରାସ୍ତାର ୯ କି.ମି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଥିବାବେଳେ ଅବଶିଷ୍ଟ ୬ କି.ମି. ଜଳ ସମ୍ପଦ ବିଭାଗ ଅଧୀନରେ ରହିଥିବା ଜଣାପଡିଛି। ଏବେ ରତ୍ନଗିରିରୁ କମ୍ପଗଡ ପର୍ଯ୍ୟନ୍ତ ୨ କି.ମି. ରାସ୍ତା ସମ୍ପ୍ରସାରଣ ପାଇଁ ଟେଣ୍ଡର କରାଯାଇ ଠିକାଦାର କାମ ଆରମ୍ଭ କରିଛନ୍ତି। ଏଥିପାଇଁ ୧୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। କାମ ଆରମ୍ଭ ହୋଇଥିଲେ ମଧ୍ୟ ସୂଚନା ଫଳକ ନ ଥିବା ଦେଖାଦେଇଛି। ଏହି ରାସ୍ତା ୩୬ ଫୁଟ୍ ଓସାର ଓ ୨୩ ଫୁଟ୍ ପିଚୁ ହେବ। ଏ ନେଇ ଠିକାଦାର ରାସ୍ତାର ଦୁଇପାର୍ଶ୍ୱ ଖୋଳିବା ଆରମ୍ଭ କରିଦେଇଛନ୍ତି। ୩ ଫୁଟ୍ ଖୋଳିବାର ନିୟମ ରହିଥିବା ବେଳେ ଫୁଟେ ଲେଖାଏ ଖୋଳାଯାଉଛି। ଖୋଳିବା ପରେ ମାଟି ପକାଇବାର ନିୟମ ଥିବାବେଳେ ଠିକାଦାର ରାସ୍ତା କଡରୁ ପୁରୁଣା ବାଲି ମିଶା ମାଟିକୁ ଆଣି ରାସ୍ତାରେ ପକାଉଛନ୍ତି। ସେହିପରି ପୁରୁଣା ପିଚୁ, ମେଟାଲ ପରିବର୍ତ୍ତେ ନୂଆ ମେଟାଲ ଓ ପିଚୁ ବ୍ୟବହାର କରାଯିବାର ନିୟମ ରହିଛି। ହେଲେ ଠିକାଦାର ପୁରୁଣା ବସ୍ତୁ ରାସ୍ତା କାମରେ ବ୍ୟବହାର କରୁଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାମ ଆରମ୍ଭ ସ୍ଥାନରେ ସୂଚନାଫଳକ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି। କାମ ଆରମ୍ଭ ହେବା ପରେ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଦର୍ଶନ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳିବା ସମ୍ଭବ ହୋଇନାହିଁ।



**ରତ୍ନଗିରି- ଉଦୟଗିରି- ଲଳିତଗିରି ରାସ୍ତା**

- ସମ୍ପ୍ରସାରଣ ହେବ ୧୫ କି.ମି.
- ରାସ୍ତା କାମ ପାଇଁ ୧୧ କୋଟି ଟଙ୍କା ବ୍ୟୟ ଅଟକଳ

# ମହାବାତ୍ୟାକୁ ୧୯ ବର୍ଷ

## କିଛି ସ୍ମୃତି କିଛି ଅନୁଭୂତି

## ୩୧ ପରିଜନଙ୍କୁ ହରାଇଛନ୍ତି ଜୋଛନା



ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତର ଶଙ୍ଖା ଗାଁରେ ଜୋଛନା ପ୍ରଧାନଙ୍କ ଘର। ସ୍ୱାମୀଙ୍କ ନାମ ତ୍ରୈଲୋକ୍ୟ ପ୍ରଧାନ। ତ୍ରୈଲୋକ୍ୟଙ୍କର ୫ ଭାଇ। ମୋଟ ୩୨ ଜଣଙ୍କୁ ନେଇ ହସିଉଠୁଥିଲା ତାଙ୍କ ଯୌଥ ପରିବାର। ସମୁଦ୍ରରୁ ମାଛ ମାରି ସୁଖରେ ଜୀବିକା ନିର୍ବାହ କରୁଥିଲେ ସେମାନେ। ମାତ୍ର ଦଇବର ବିଚାର ଥିଲା ଭିନ୍ନ। ତାଙ୍କ ଘରଠାରୁ ସମୁଦ୍ର ମାତ୍ର ୫୦ ମିଟର ଦୂର। ଗାଁରେ କୌଣସି କୋଠାଘର ନ ଥିଲା କି ସେତେବେଳେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇ ନ ଥିଲା। ତେଣୁ ମହାବାତ୍ୟାର ଅମା ଅନ୍ଧାରରେ ସେମାନେ କ'ଣ କରିବେ କିଛି ଜାଣିପାରିଲେ ନାହିଁ। ଜୀବନ ବଞ୍ଚାଇବାକୁ କେବଳ ଧାଁ ଧପଡ଼ କରିବା ଛଡ଼ା ଆଉ କିଛି ବିକଳ୍ପ ନ ଥିଲା। ନିମିଷକେ ସମୁଦ୍ର ଜୁଆର ନିଶ୍ଚିହ୍ନ କରିଦେଲା ଶଙ୍ଖା ଗାଁକୁ। କେତେଜଣ ଲୋକ ଏକ ବଡ଼ ଚାକୁଣ୍ଡା ଗଛକୁ ଧରି ଜୀବନ ବଞ୍ଚାଇଲେ। ଗଛରେ ୩ ଦିନ ରହି ପାଣି ପବନରେ ଭାସି ଆସୁଥିବା କୁଟା, ପତର ଚୋବାଇଲେ। ଗଛରେ ଲାଗିଥିବା ମୃତଦେହରୁ ଲୁଗା କାଢିନେଇ ପିନ୍ଧିଲେ। ୩୧ ପରିବାର ସଦସ୍ୟଙ୍କୁ ହରାଇ ଜୋଛନା ସେହି ଚାକୁଣ୍ଡା ଗଛରେ ରହି ଜୀବନ ବଞ୍ଚାଇଥିଲେ। ଏବେ ସିହା ଗାଁରେ ପର ଘରେ କାମ କରି ଅବଶିଷ୍ଟ ଜୀବନ ବିତାଉଛନ୍ତି। ମହାବାତ୍ୟା କଥା ପଚାରିଲେ ଶାଢି କାନିରେ ଲୁହ ପୋଛି ସେ କୁହନ୍ତି ରଖେ ହରିତ ମାରେ କିଏ।




ସେହି କାଳରାତ୍ରୀର ଅନୁଭୂତି ଏବେ କେବଳ ସ୍ମୃତି ହୋଇରହିଛି। ସ୍ମୃତି ଛଡ଼ା ଏହା ଅନ୍ୟ କିଛି ନୁହେଁ। ଆଜିର ଯୁବପିଢ଼ିଙ୍କ ମଧ୍ୟରୁ ଅନେକଙ୍କୁ ହୁଏତ ଏହା ଗପ ଭଳି ଲାଗୁଥାଇପାରେ। କିନ୍ତୁ ସେତେବେଳର ଯନ୍ତ୍ରଣା ଦଗ୍ଧ ଜୀବନରେ ବିଭୀଷିକାପୂର୍ଣ୍ଣ ଉକ୍ତ ଅନ୍ଧକାର ରାତିକୁ ଯେ ଅଙ୍ଗେ ନିଭାଇଛି, ସେ ହିଁ ଜାଣିଛି ପ୍ରକୃତିର ତାଣ୍ଡବ କେତେ ଭୟଙ୍କର ରୂପ ନେଇପାରେ। ୧୯୯୯ ଅକ୍ଟୋବର ୨୯। ସେଦିନ ପ୍ରଚଣ୍ଡ ରୂପ ନେଇଥିଲା ପବନର ବେଗ। ବର୍ଷା ସାଙ୍ଗକୁ ତୁହାକୁ ତୁହା ପବନ ସବୁକିଛି ଓଲଟ ପାଲଟ କରିଦେଲା। ସମୁଦ୍ରରୁ ଉଠି ଆସିଲା ୩୦ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ଲୁଣା ଜୁଆର। ସେ ଭୟଙ୍କର ରାତି ପାହିଲା ବେଳକୁ ଛାରଖାର ହୋଇଯାଇଥିଲା ସବୁକିଛି। ବଦଳିଯାଇଥିଲା ଏରସମାର ଭୌଗୋଳିକ ସ୍ଥିତି। ମାଟିରେ ଲୋଟିଯାଇଥିଲା ଅନେକ ମହାଦ୍ରୁମ। ନିଶ୍ଚିହ୍ନ ହୋଇଯାଇଥିଲା ଗାଁଗଣ୍ଡା, ଘରଦ୍ୱାର। ଗଛଡାଳରେ ଲାଗିଥିଲା ହଜାର ହଜାର ମଣିଷ ଓ ପଶୁପକ୍ଷୀଙ୍କ ମୃତଦେହ। ସେହି ମହାବିଭୀଷିକା ଏରସମା ବିପର୍ଯ୍ୟୟ ଇତିହାସରେ ବିରଳ ଅଧ୍ୟାୟ ହୋଇ ରହିଯାଇଛି। ଚାହୁଁ ଚାହୁଁ ଏହା ମଧ୍ୟରେ ବିତିଯାଇଛି ୧୯ ବର୍ଷ। ମହାବାତ୍ୟାର ଧ୍ୱଂସ ସ୍ତୂପରୁ ଜନ୍ମ ନେଇଛି ନୂତନ ଏରସମା। ବିନାଶ ଭିତରୁ ସୂତ୍ରପାତ ହୋଇଛି ବିକାଶର ପର୍ବ। ତଥାପି ୧୯ ବର୍ଷ ପରେ ମଧ ଏରସମାବାସୀଙ୍କ ମନରୁ ସେହି ଅମାଅନ୍ଧାରର ସ୍ମୃତି ଲିଭିନାହିଁ।

-ଦୀପ୍ତି ରଞ୍ଜନ ଖଣ୍ଡୁଆଳ



ମହାବାତ୍ୟା ସମୟରେ ଗୋପାଳଙ୍କ ପରିବାର ପାରାଦୀପର ଷଣ୍ଢକୁଦରେ ରହୁଥିବା ସ୍ଥାନ।

## ରାଜୁ, ରଞ୍ଜନଙ୍କୁ ଝୁରୁଛନ୍ତି ଚନ୍ଦନ



୧୯ ବର୍ଷ ବିତିଗଲାଣି। ହେଲେ ସେଦିନର ମହାକ୍ଷତ ଏବେବି ଶୁଖିନାହିଁ। ସ୍ମୃତି ଆଜି ବି ତାଜା ହୋଇରହିଛି ବୋଲି କୁହନ୍ତି ଗୋଡ଼ା ଗ୍ରାମର ଚନ୍ଦନ ଦାସ। ଶଙ୍ଖ ନଦୀ ନିକଟବର୍ତ୍ତୀ ଏକ ତଳିଆ ଅଞ୍ଚଳ ପାତୁଆ ଗାଁରେ ଚନ୍ଦନ ନିଜ ଦୁଇ ସାଙ୍ଗ ରାଜୁ ସ୍ୱାଇଁ ଓ ରଞ୍ଜନ ମଣ୍ଡଳଙ୍କ ସହ ମିଶି ଚିଙ୍ଗୁଡ଼ି ଘେରି କରିଥିଲେ। ଘେରି ଜଗିବା ପାଇଁ ନଦୀବନ୍ଧରେ ତିଆରି କରିଥିଲେ ଏକ ଅସ୍ଥାୟୀ କୁଡ଼ିଆ। ସେଠାରେ ଭୋଜିଭାତଠାରୁ ଆରମ୍ଭକରି ଅବସର ସମୟରେ ଜମୁଥିଲା ତାସ ଖେଳ। ସେହି ଜାଗାରୁ ଗୋଡ଼ା ୬ କିମି ଦୂର। ଶ୍ରମ, କ୍ଲାନ୍ତ ଓ ଅବସର ମଧ୍ୟରେ ସମୟ ବିତୁଥିବାବେଳେ ଖବର ମିଳିଲା ବାତ୍ୟା ହେବ। ୨୭ ତାରିଖରୁ ପାଗ ପୁରା ନରମି ଗଲା। ଛନକା ପଶିଲା ମନରେ। ୨୮ରେ ବର୍ଷା ପବନ ଯୋର ଧରିଲା। ସେହି ଅସ୍ଥାୟୀ କୁଡ଼ିଆରେ ରୋଷେଇ କରି ସମସ୍ତେ ଏକାଠି ଖାଇଲେ। କିନ୍ତୁ ରାତିରେ ବପନର ବେଗ ବଢିବାରୁ ଶୋଇପାରିଲେ ନାହିଁ। କିଟିମିଟିଆ ଅନ୍ଧାର ରାତିର ବିଳମ୍ବିତ ପ୍ରହରରେ ବର୍ଷା ପବନ ମାଡ଼ ଖାଇ ଏକ ହୁଲି ଡଙ୍ଗାରେ ସେମାନେ ପାତୁଆ ଗାଁକୁ ପଳାଇ ଆସିଲେ। ଘରଠାରୁ ଦୂରରେ ଥିବାରୁ ପରିବାର ଲୋକଙ୍କ କଥା ମନେପଡ଼ିଲା। ପରଦିନ ପବନର ବେଗ ଏତେ ବଢିଗଲା ଯେ, ବଡ଼ ବଡ଼ ଗଛ ସବୁ ଭାଙ୍ଗିପଡ଼ିଲା। ଘର ଚାଳ ଉଡ଼ିଗଲା। ନଡିଆ ଗଛ ଉଚ୍ଚର ଜୁଆର ମାଡ଼ିଆସିଲା। ପ୍ରକୃତିର ତାଣ୍ଡବରେ ସମସ୍ତେ ଦିଗହରା ହୋଇଗଲେ। ହୁଲି ଡଙ୍ଗା ସହ ୩ ସାଙ୍ଗ କିଏ କୁଆଡେ ଭାସିଗଲେ ଜଣାପଡିଲା ନାହିଁ। ଜୀବନ ବିକଳରେ ଏକ ତାଳ ଗଛକୁ ଜାବୁଡ଼ି ଧରିଲେ ଚନ୍ଦନ। ୨ ଦିନ ଅଖିଆ ଅପିଆ ପ୍ରକୃତି ସହ ଲଢିଲେ। ଥଣ୍ଡାରେ କାଲୁଆ ହୋଇଯାଇଥିଲା ଦେହ। ପତ୍ର ଆହାର କରି ଜୀବନ ବଞ୍ଚାଇଲେ। ଏବେ ବି ରାଜୁ ଓ ରଞ୍ଜନଙ୍କ କଥା ମନେ ପଡିଲେ ତାଙ୍କ ଅନ୍ତରରୁ କୋହ ଉଠିଆସେ ବୋଲି କୁହନ୍ତି ଚନ୍ଦନ। ମା, ବାପା, ସ୍ତ୍ରୀ ଓ ପିଲାଛୁଆଙ୍କୁ ନେଇ ତାଙ୍କ ପରିବାର। ଏରସମା ଗୋଡ଼ା ବଜାରରେ ଏକ ଓଲ୍ଡିଂ ଦୋକାନ ଦେଇ ସେ ଜୀବିକା ନିର୍ବାହ କରୁଛନ୍ତି।

## ଗୁମୁରି କାନ୍ଦୁଛନ୍ତି ଗୋପାଳ ଓ ସୁଧାଂଶୁ



ଗୋପାଳ ରଣଜିତ



ସୁଧାଂଶୁ ଦାସ

୧୯୯୯ର ପ୍ରଳଙ୍କରୀ ମହାବାତ୍ୟାକୁ ସୋମବାର ୧୯ ବର୍ଷ ପୁରିଛି। ଇତିମଧ୍ୟରେ ଅନେକ ପରିବର୍ତ୍ତନ ଘଟିଥିଲେ ହେଁ ସେଦିନର ସ୍ମୃତି ମନେ ପଡିଲେ ଆଜିବି ଗୁମୁରୀ କାନ୍ଦୁଛନ୍ତି ବିପନ୍ନ। ମହାବାତ୍ୟାରେ ଧନଜୀବନ ହରାଇଥିବା ବହୁ ପରିବାର ହେଉଛନ୍ତି ଜଗତ୍‌ସିଂହପୁର ଜିଲା ଏରସମା-ପାରାଦୀପ ଅଞ୍ଚଳର। ନିଜ ଆଖି ଆଗରେ ଓ ନିଜ କାନ୍ଧରେ ବସାଇ ଆତ୍ମୀୟଙ୍କୁ ହରାଇଥିବା ଅନେକଙ୍କ ମଧ୍ୟରୁ ଗୋପାଳ ରଣଜିତ ଓ ସୁଧାଂଶୁ ଦାସ ହେଉଛନ୍ତି ଜଣେ ଜଣେ ବିପନ୍ନ। ଗୋପାଳଙ୍କ ପରିବାର ମହାବାତ୍ୟା ସମୟରେ ଷଣ୍ଢକୁଦରେ ରହୁଥିଲେ। ବାତ୍ୟା ସମ୍ପର୍କରେ ପଚାରିବାରୁ ସେ କୋହ ସମ୍ଭରଣ କରି ନ ପାରି ପ୍ରଥମେ କାନ୍ଦି ପକାଇଥିଲେ। ମହାବାତ୍ୟାରେ ସେ ନିଜ ମା, ୩ ଭଣଜା ଭାଣିଜୀ ଓ ଭିଣୋଇଙ୍କୁ ହରାଇଥିଲେ। ସେ କଥା ମନେ ପଡିଲେ ଏବେ ମଧ ଲୋମ ଟାଙ୍କୁରୀ ଉଠେ। ଗୋପାଳ ବାତ୍ୟା ଖବର ଶୁଣି ସ୍ତ୍ରୀ ଓ ପିଲାଙ୍କୁ ନେଇ ପାରାଦୀପ କଲେଜରେ ଛାଡ଼ିଥିଲେ। ଏହାପରେ ମା'ଙ୍କ ସହ ଭଉଣୀଙ୍କ ପରିବାରକୁ ଆଶ୍ରୟସ୍ଥଳୀକୁ ନେବାକୁ ଆସିଥିଲେ। କିନ୍ତୁ ୨୯ ତାରିଖ (ଶୁକ୍ରବାର) ସକାଳେ ଆଉ ସେମାନଙ୍କୁ ନେଇ ଯିବା ସମ୍ଭବ ହେଲା ନାହିଁ। ଭାଣିଜୀକୁ କାନ୍ଧରେ ବସାଇ ସେ ମା'ଙ୍କ ହାତ ଧରି ଚାଲୁଥିଲେ। ହଠାତ୍ ୩୦ଫୁଟ ଉଚ୍ଚର ଜୁଆର ମାଡ଼ିଆସି ସମସ୍ତଙ୍କୁ ଭସାଇ ନେଲା। ପାଣିର ସ୍ରୋତ ଏତେ ତୀବ୍ର ଥିଲା ଯେ ଆଖି ଆଗରେ ଭାଣିଜୀ ଓ ମା' ଚାଲିଗଲେ। ଗୋପାଳ ସଂଜ୍ଞାହୀନ ହୋଇ ୩ଦିନ କାଳ ଭାସି ଭାସି ଉଲଗ୍ନ ଅବସ୍ଥାରେ ପିପିଏଲ କାରଖାନାର ପାଚେରି ପାଖରେ ଲାଗିଥିଲେ। ତାଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିଲେ। ସୁସ୍ଥ ହୋଇ ଫେରିବା ବେଳକୁ ଭଉଣୀଙ୍କ ପରିବାରର ସମସ୍ତେ ମରିଯାଇଥିବା ଜାଣିବାକୁ ପାଇଥିଲେ। କେବଳ ତାଙ୍କ ଭଉଣୀ ଏକ ଗଛରେ ଲାଗି ଜୀବନ ବଞ୍ଚାଇଥିଲେ। ତାଙ୍କରି ଭଳି ମହାବାତ୍ୟାରେ ନିଜ ପରିବାରର ୭ଜଣଙ୍କୁ ହରାଇଥିବା ଅନ୍ୟ ଜଣେ ବିପନ୍ନ ରାଜାରାମ ପାଲଙ୍କ ସହ ଗୋପାଳ ନିଜ ଭଉଣୀଙ୍କ ବିବାହ କରାଇଛନ୍ତି। ଅତିତକୁ ଭୁଲି ସେମାନେ ସଂସାର ଗଢିବାକୁ ଉଦ୍ୟମ କରୁଛନ୍ତି। ସେମାନଙ୍କର ଦୁଇଟି ପିଲା ମଧ୍ୟ ଅଛନ୍ତି। ମହାବାତ୍ୟାର ଆଉ ଜଣେ ବିପନ୍ନ ହେଉଛନ୍ତି ବୃଦ୍ଧ ସୁଧାଂଶୁ ଦାସ। ସେ ମଧ ନିଜ ପରିବାରର ୪ଜଣଙ୍କୁ ହରାଇଛନ୍ତି। ଦିନ ଯାଇଛି, କିନ୍ତୁ ବାତ୍ୟାର ସେହି ଦୁଃଖଦ ଚିହ୍ନ ଜୀବନର ଶେଷ ପର୍ଯ୍ୟନ୍ତ ରହିବ ବୋଲି ସେ କହିଛନ୍ତି।

-ଶରତ ରାଉତ



ପାରାଦୀପରେ ଲାଗିଥିବା ସୁନାମି ସତର୍କତା ଯନ୍ତ୍ର।

### ୬ ଜିଲାରେ ଲାଗିଲା ସୁନାମି ସତର୍କତା ଯନ୍ତ୍ର

## ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ସୋମବାର (ଅକ୍ଟୋବର ୨୯) ମହାବାତ୍ୟାକୁ ୧୯ ବର୍ଷ ପୂରିବ। ଏହି ଅବସରରେ ଉପକୂଳ ଓଡ଼ିଶାର ୬ଟି ଜିଲାରେ ନୂତନ ଭାବେ ଲଗାଯାଇଥିବା ସୁନାମି ସତର୍କତା ଯନ୍ତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ୬ଟି ଓ ପାରାଦୀପରେ ୨ଟି ଏଭଳି ସତର୍କତା ଯନ୍ତ୍ର ଲଗାଯାଇଛି। ଏହି ସତର୍କତା ଯନ୍ତ୍ରର ନାମ ରହିଛି ଇଡବ୍ଲ୍ୟୁଡିଏସ୍ (ୟାର୍ଲିଂ ଓ୍ୱାର୍ନିଂ ଡିସେମିନେଶନ ସିଷ୍ଟମ)। ଉକ୍ତ ଯନ୍ତ୍ରର ନିୟନ୍ତ୍ରଣ କକ୍ଷ ବ୍ଲକ ଅଫିସରେ ରହିଛି। ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ପାଇବା ମାତ୍ରେ ଏହା ୧୦ରୁ ୧୩ ମିନିଟ୍ ଭିତରେ ଲୋକଙ୍କୁ ସତର୍କ କରାଇଦେବ। ଏଥିରେ ସଂକ୍ଷିପ୍ତ ସୂଚନା ଦିଆଯିବ, ଯାହାକି ୩ରୁ ୫ କିମି ଦୂରରେ ଥିବା ଲୋକଙ୍କୁ ଶୁଣାଯିବ। ସେହି ଅନୁସାରେ ଲୋକେ ସୁରକ୍ଷିତ ସ୍ଥାନକୁ ଯାଇପାରିବେ। ଯଦି ବ୍ଲକ ଅଫିସ କାମ ନ କରେ ତେବେ ଜିଲା ଆପାତ୍‌କାଳୀନ ଅଫିସରୁ ସିଗ୍‌ନାଲ ଦିଆଯିବ। ଏହାବାଦ୍ ମୂଳ ସ୍ଥାନ ବାଙ୍ଗାଲୋର ମୁଖ୍ୟାଳୟରୁ ରେଡିଓ ବିକିରଣ ଦ୍ୱାରା ସିଗ୍‌ନାଲ ଦିଆଯିବ। ପାରାଦୀପର ଷଣ୍ଢକୁଦ ଓ ନେହେରୁ ବଙ୍ଗଳାଠାରେ ଦୁଇଟି ଟାୱାରରେ ଏହି ଯନ୍ତ୍ର ଖଞ୍ଜାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପାରାଦୀପରେ ବୌଦ୍ଧ ଭିକ୍ଷୁଙ୍କ ପଦଯାତ୍ରା



ବୌଦ୍ଧଭିକ୍ଷୁମାନଙ୍କୁ ଜିଲାପାଳ ସ୍ୱାଗତ କରୁଛନ୍ତି।

**ପାରାଦୀପ,୨୮।୧୦(ସ୍ୱ.ପ୍ର.)**

ପ୍ରାୟ ୭ଟି ଦେଶର ୩୫୦ ଜଣ ବୌଦ୍ଧ ଧର୍ମାବଲମ୍ବୀ ପଦଯାତ୍ରାରେ ଆସି ରବିବାର ପାରାଦୀପରେ ପହଞ୍ଚିଛନ୍ତି। ସେମାନେ ବନ୍ଦର ସହର ବୁଲି ଦେଖିବା ସହ ବେଳାଭୂମିରୁ ପ୍ଲାଷ୍ଟିକ ଓ ପଲିଥିନ ସଫା କରିଥିଲେ। ମାନବିକତା, କରୁଣା, ମୈତ୍ରୀ ଓ ଶାନ୍ତି ପ୍ରତିଷ୍ଠାର ପ୍ରଚାର ଉଦ୍ଦେଶ୍ୟରେ ସେମାନେ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରୀ ଦଳକୁ ଜଗତ୍‌ସିଂହପୁର ଜିଲାପାଳ ୟାମିନୀ ଷଡଙ୍ଗୀ ଭୁତମୁଣ୍ଡାଇଠାରେ ସ୍ୱାଗତ କରିଥିଲେ। ପରେ ସେମାନେ ପାରାଦୀପ ବନ୍ଦର, ଜବାହାର ଅତିଥି ଭବନ, ସମୁଦ୍ର ବେଳାଭୂମି ବୁଲି ଦେଖିଥିଲେ। ସ୍ଥାନୀୟ ଏଡିଏମ୍ କାହ୍ନୁଚରଣ ଧିର, ଏସ୍‌ପି ପ୍ରକାଶ ଆର, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ପାରାଦୀପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ପଦଯାତ୍ରା ଦଳର ମୁଖ୍ୟ ଦୁବେଚାନ୍ଦ ରିମ୍ପୋଚୀ, ନାଳନ୍ଦା ବିଶ୍ୱ ବିଦ୍ୟାଳୟର ରବି ଠାକୁର ପ୍ରମୁଖ ବୌଦ୍ଧଧର୍ମୀଙ୍କ ଜୀବନୀ, ତ୍ୟାଗ, ସେବା ସମ୍ପର୍କରେ କହିଥିଲେ। ପରେ ସନ୍ଧ୍ୟାରେ ସେମାନେ ଯାଜପୁର ଜିଲାର ରତ୍ନଗିରିକୁ ଯାଇଥିଲେ। ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଭଳି ଆତିଥେୟତାରେ ସେମାନେ ଖୁସିବ୍ୟକ୍ତ କରିଥିଲେ।

### ଜିଲା ବିଜ୍ଞାନ କ୍ଲବ ସଂଯୋଜନାମଣ୍ଡଳୀ ବୈଠକ

## ମୋ ସ୍କୁଲ ଅଭିଯାନରେ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ

**ଜଗତ୍‌ସିଂହପୁର ଅଫିସ, ୨୮।୧୦**




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଏବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ। ଏହି ଯୁଗରେ ଶ୍ରେଣୀ ଶିକ୍ଷାଦାନ ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଉଦ୍ୟମ ଜାରି ରହିଛି। ବଡ଼ କଥା ହେଲା ବିଜ୍ଞାନକୁ ସରଳ ଓ ସହଜ ଭାବରେ ଉପସ୍ଥାପନ କରି ବୋଧଗମ୍ୟ କରାଇ ପାରିଲେ ସଫଳତା ମିଳିବ। ଏନେଇ ସ୍ଥାନୀୟ ଏସ୍. କେ. ଏକାଡେମୀ ପରିସରରେ ଜିଲା ବିଜ୍ଞାନ କ୍ଲବ ସଂଯୋଜକ ମଣ୍ଡଳୀ ବୈଠକ ଓ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଜିଲାସ୍ତରୀୟ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରିଡ଼ି ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦ୍ରନାଥ ମହାନ୍ତି, ଏରସମା ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ, କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ନନ୍ଦ, ବିରିଡ଼ି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନରହରି ମିଶ୍ର, ଜଗତ୍‌ସିଂହପୁର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଭାରତୀ ମହାପାତ୍ର, ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ବିଜ୍ଞାନ ସେମିନାର, ଗଣିତ ଅଲମ୍ପିଆଡ, ପ୍ରତିବର୍ଷ ଏପ୍ରିଲ ପହିଲାକୁ ଜିଲା ବିଜ୍ଞାନ ଦିବସ, ରୋଲ ପ୍ଲେ ପ୍ରତିଯୋଗିତା, ଯୁବ ସଂସଦ ପ୍ରତିଯୋଗିତା ସହ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ବ୍ଲକ ବିଜ୍ଞାନ ମେଳା, ଜିଲାସ୍ତରୀୟ ବିଜ୍ଞାନ ମେଳା ଆଦି ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ନଭେମ୍ବର ୨୭ରେ ବାଲିକୁଦା ଉଚ୍ଚବିଦ୍ୟାଳୟ, ନଭେମ୍ବର ୨୮ ବିରିଡ଼ି ଯଶୋବନ୍ତପୁର ବିଦ୍ୟାପୀଠ, ନଭେମ୍ବର ୨୯ରେ ଏରସମା ହାଇସ୍କୁଲ, ନଭେମ୍ବର ୨୭ରେ କୁଜଙ୍ଗ ବନବିହାରୀ ଉଚ୍ଚବିଦ୍ୟାଳୟ, ନଭେମ୍ବର ୨୯ରେ ତିର୍ତ୍ତୋଲ ମଣିଜଙ୍ଗା ଉଚ୍ଚବିଦ୍ୟାଳୟ ଓ ଜଗତ୍‌ସିଂହପୁରର ଏସ୍‌କେ ଏକାଡେମୀଠାରେ ନଭେମ୍ବର ୧୬ରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ବ୍ରହ୍ମାନନ୍ଦ ସ୍ୱାଇଁ ଓ କବିତା ସ୍ୱାଇଁ ବିଜ୍ଞାନ ଶିକ୍ଷାକୁ ଶ୍ରେଣୀଗୃହରେ କିପରି ଆକର୍ଷଣୀୟ କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଜିଲାରୁ ୫୦ ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ। ଏସ୍‌କେ ଏକାଡେମୀର ପ୍ରଧାନ ଶିକ୍ଷକ ନବକିଶୋର ସୂତାର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜାରେ ବଢୁଛି ଚୋରା ମଦ କାରବାର

**ମାର୍ଶାଘାଇ, ୨୮।୧୦ (ଡି.ଏନ୍.ଏ.):** କୁମାର ପୂର୍ଣ୍ଣିମା ଦିନଠାରୁ ମାର୍ଶାଘାଇରେ ୯ଦିନ ବ୍ୟାପୀ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଜୁଣ ଛକ ପୂଜା ମଣ୍ଡପ ନିକଟରେ ଦ୍ୱିତୀୟ ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଉଥିବା ବେଳେ ଏଠାରେ ଶହଶହ ଦର୍ଶକଙ୍କ ଭିଡ଼ ଜମୁଛି। ଏହି ଜନଗହଳି ସ୍ଥାନ ଗୁଡ଼ିକରେ ଚୋରାମଦ କିଣାବିକା ବ୍ୟାପକ ହେଉଥିବା ଦେଖାଯାଉଛି। ଜୁଣ ଛକ, ଲକ୍ ଛକ, ମାର୍ଶାଘାଇ ମୁଖ୍ୟ ବଜାର, ବଡପାଳ, କୁଆଁରପାଳ, ତାଳସଙ୍ଗା, ହିନ୍ଦୁଳିଆଛକ, ହଜାରୀଛକ ପ୍ରଭୃତି ଅଞ୍ଚଳରେ ଜୋରଦାର ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଚୋରା ମଦ ବ୍ୟବସାୟୀ କେନାଲ ରାସ୍ତାରେ ମଦ ଆଣି ଯୋଗାଉ ଥିବା ଜଣାପଡିଛି। ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥା ହୋଇଥିବା ବେଳେ ମଦ କାରବାର ବ୍ୟାପକ ହେଉଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି, ମଦ ଚୋରା କାରବାର ଉପରେ ନଜର ରଖାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଗୀତା ବିଶାରଦ ପଣ୍ଡିତ ଅଶୋକ ଚକ୍ରବର୍ତ୍ତୀଙ୍କ ପରଲୋକ

**ଡେରାବିଶ, ୨୮।୧୦ (ସ୍ୱ.ପ୍ର.):** ଡେରାବିଶ ବ୍ଲକର ଗୀତା ବିଶାରଦ ତଥା ଗୀତାକୁ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନୁବାଦ କରିବା ସହ ବ୍ୟାଖ୍ୟା କରୁଥିବା ପୂଜକ ପଣ୍ଡିତ ଅଶୋକ ଚକ୍ରବର୍ତ୍ତୀ (୫୭)ଙ୍କ ରବିବାର ସକାଳେ ହୃଦ୍‌ଘାତରେ ତାଙ୍କ ବାସଗୃହରେ ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବୀରନୀଳକଣ୍ଠପୁରସ୍ଥିତ ତାଙ୍କ ବାସଗୃହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, କୁଳମଣି ରାଉତ, ଉତ୍କଳକେଶରୀ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପ୍ରାଧାପକ ଅଜୟ କୁମାର ରାଉତ, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ ପ୍ରମୁଖ ତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ତେବେ ଅଶୋକଙ୍କ ମୃତ୍ୟୁରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ରବି ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅଶୋକଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟସମ୍ପନ୍ନ କରାଯାଇଥିଲା।

### ଗଜଲକ୍ଷ୍ମୀ ପୂଜୋତ୍ସବ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ବ୍ରହ୍ମାକୁମାରୀଙ୍କ ଝାଙ୍କି

କେନ୍ଦ୍ରାପଡା ଅଫିସ, ୨୮।୧୦- କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜୋତ୍ସବ ଗୁରୁବାରଠାରୁ ମହାସମାରୋହରେ ପାଳନ କରାଯାଉଛି। ସହରର ଆଖପାଖ ଅଞ୍ଚଳରେ ମା'ଗଜଲକ୍ଷ୍ମୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିଛି। ପୂଜୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ମେଢ଼ କମିଟି ପକ୍ଷରୁ ସାଜସଜ୍ଜା ଓ ରଙ୍ଗିନ ଆଲୋକ ସଜାକୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ସହରର ସୁନାଇଲୋସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଚୈତନ୍ୟ ଲକ୍ଷ୍ମୀ ନାରାୟଣ ଝାଙ୍କି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଝାଙ୍କି ବଳଗଣ୍ଡି ପୂଜା ମଣ୍ଡପରେ ପ୍ରସ୍ତୁତ କରାଯାଇଛି। ବ୍ରହ୍ମାକୁମାରୀ ଭଉଣୀଭାଇମାନେ ବିଭିନ୍ନ ଦେବଦେବୀଙ୍କ ବେଶରେ ସଜ୍ଜିତ ହୋଇ ମୂର୍ତ୍ତି ଭଳି ଅବିଚଳିତ ଭାବେ ପ୍ରାୟ ୫ ଘଣ୍ଟା ମଣ୍ଡପରେ ବସି ରହୁଛନ୍ତି। ମୂର୍ତ୍ତି ଭଳି ମନେ ହେଉଥବାରୁ ଏହା ଦେଖିବାକୁ ଦର୍ଶକଙ୍କ ଭିଡ ଜମୁଛି। ଏହି ଝାଙ୍କିରେ ବ୍ରହ୍ମାକୁମାରୀ ମମତା, କୁସୁମ, ଆଶା, ଲୁସି ପ୍ରମୁଖ ଘଣ୍ଟା ଘଣ୍ଟା ଧରି ନିଶ୍ଚଳ ଭାବେ ବସି ରହୁଛନ୍ତି। ଏ ସମ୍ପର୍କରେ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହ କୁହନ୍ତି, ଏହା କେବଳ ରାଜଯୋଗ ସାଧନ ଦ୍ୱାରା ସମ୍ଭବ ହୋଇପାରୁଛି। ଏହି ଆଧାତ୍ମିକ ଶକ୍ତି ପାଇବା ପରେ ମନକୁ ସ୍ଥିର ରଖିବା ସହଜ ହୋଇଥାଏ ବୋଲି ସେ କହିଛନ୍ତି।

# ମରଣଯନ୍ତା ପାଲଟିଛି ବାତ୍ୟା ଆଶ୍ରୟସ୍ଥଳୀ

**ମହାବାତ୍ୟାକୁ ପୂରିଲା ୧୯ ବର୍ଷ**
- ପ୍ରଶାସନର ନିଘାନାହିଁ
- ୩୧୨ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷତି ଘୋଷିତ

କେନ୍ଦ୍ରାପଡା ଅଫିସ, ୨୮।୧୦


ମହାବାତ୍ୟାରେ ମହାକାଳପଡ଼ା ଅଞ୍ଚଳରେ ଭାଙ୍ଗି ଯାଇଥିବା ଘର। (ଫାଇଲ ଫଟୋ)

୧୯୯୯ ମହାବାତ୍ୟାର ଭୟାବହତା ଏବେ ଲୋକଙ୍କ ମନରୁ ଲିଭିପାରିନି। ଇତିମଧ୍ୟରେ ମହାବାତ୍ୟାକୁ ୧୯ ବର୍ଷ ପୂରିଥିଲେ ମଧ ଲୋକେ ସେଦିନର ସ୍ମୃତିକୁ ମନେପକାଇ ଥରି ଉଠୁଛନ୍ତି। ଏହି ମହାବାତ୍ୟାରେ ପ୍ରାୟ ୪୬୯ରୁ ଉର୍ଦ୍ଧ୍ୱ ଜୀବନ ନଷ୍ଟ ହୋଇଥିଲା। ଏହା ପରେବି ପ୍ରଶାସନର ଚେତା ପଶୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମହାବାତ୍ୟା ପରେ ନିର୍ମାଣ ହୋଇଥିବା ବହୁ ବାତ୍ୟା ଆଶ୍ରୟସ୍ଥଳୀ ଏବେ ଅସୁରକ୍ଷିତ ହୋଇପଡିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ୧୯୯୯ ଅକ୍ଟୋବର ୨୮ରୁ ହୋଇଥିବା ମହାବାତ୍ୟାରେ ରାଜ୍ୟର ୧୪ ଜିଲାରେ ବହୁ ଧନ ଜୀବନ ହାନି ହୋଇଥିଲା। ସମୁଦ୍ର କୂଳ ଠାରୁ ପ୍ରାୟ ୧୫୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ ପ୍ରବଳ ବର୍ଷା ତୋଫାନ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଏହି ମହାବାତ୍ୟା ବେଳେ ଜିଲାରେ ୩୮୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ସଂଖ୍ୟା ୪୬୯ ଉର୍ଦ୍ଧ୍ୱ ହେବ ବୋଲି କ୍ଷତିପୂରଣ ପାଇଁ କରାଯାଇଥିବା ଆବେଦନ ପତ୍ରରୁ ସୂଚନା ମିଳିଛି। ଏଥିସହ ଜିଲାର ୩୮ ଜଣଙ୍କ ଅଦ୍ୟାବଧି କୌଣସି ପତ୍ତା ମିଳିନାହିଁ। ଏହା ପ୍ରଭାବରେ ମୋଟ ୧୮୦୩ ଜଣ ଗୁରୁତର ହୋଇଥିବା ନେଇ ଡ଼ାକ୍ତରଖାନା ରିପୋର୍ଟରୁ ଜଣାପଡିଛି। ସେହିପରି ମହାବାତ୍ୟା ସମୟରେ ୩୦୦୦ରୁ ଉର୍ଦ୍ଧ୍ୱ ମାଛଧରା ଓ ଦେଶୀ ଡ଼ଙ୍ଗା ନିଖୋଜ ହୋଇଥିଲା। ଜିଲାର ୪୮,୯୦୬ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ସେହିସମୟରେ ୨,୯୭,୮୧୪ଟି ପରିବାରର ଘର ଭାଙ୍ଗିଥିବା ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ମହାବାତ୍ୟା ସମୟରେ ଘର ଭାଙ୍ଗିଥିବା ଲୋକଙ୍କୁ କ୍ଷତିପୂରଣ ବାବଦରେ ୪୩,୭୨,୮୪,୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଏହି ମହାବାତ୍ୟା କରାଳରୂପକୁ ଦେଖିବା ପରେ ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଇଥିଲା। ଜିଲାର ସମୁଦ୍ର ତଟାଞ୍ଚଳରେ ଥିବା ଜିଲାର ୬୪ ଗ୍ରାମକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ସହ ଗମନାଗମନ ସୁବିଧା ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରତିବର୍ଷ ୨ରୁ ଅଧିକ ଥର ସମୀକ୍ଷା କରାଯାଉଛି। ମକ୍‌ଡ୍ରିଲ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଉଛି। ମାତ୍ର ସେତେବେଳେ ଜିଲାରେ ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଏବେ ମରଣଯନ୍ତା ପାଲଟିଛି। ଜିଲାର ୩୧୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ଅସୁରକ୍ଷିତ ଘୋଷଣା ହୋଇଛି। ମାର୍ଶାଘାଇ, ଗରଦପୁର ଓ ମହାକାଳପଡା ବ୍ଲକର କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ଜବରଦଖଲକାରୀଙ୍କ କବଜାରେ ଥିବା ନେଇ ତିତଲି ବାତ୍ୟା ସମୟରେ ଜଣାପଡିଛି। ଏହି ଘଟଣା ସେତେବେଳେ ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଏହି ଆଶ୍ରୟସ୍ଥଳରେ ବ୍ୟବସ୍ଥା ହୋଇଥିବା ଜେନେରେଟର, କୁରାଢ଼ୀ, ରଶି ପରି ବହୁ ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ତଦାରଖ ହେଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବାତ୍ୟା ସମୟରେ ଏବେ ପୂର୍ବରୁ ସତର୍କ ସୂଚନା ଦିଆଯାଉଥିବାରୁ ଲୋକେ ନିଜକୁ ସୁରକ୍ଷିତ ରଖିବାକୁ ସମୟ ପାଉଛନ୍ତି ବୋଲି ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରକାଶ କରିଛନ୍ତି। ସେ କହିଛନ୍ତିଯେ, ଗତ ତିତଲି ଝଡବାତ୍ୟା ସମୟରେ ପୂର୍ବରୁ ସତର୍କ ସୂଚନା ମିଳିବା ପରେ ଜିଲାର ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଥିଲା। ଏହି ସ୍ଥାନାନ୍ତର ବେଳେ ରାଜନଗର ବ୍ଲକ ଅନ୍ତର୍ଗତ ସାତଭାୟାର ୩୦୦ରୁ ଉର୍ଦ୍ଧ୍ୱ ଲୋକେ ସାମିଲ ହୋଇଥିଲେ। ବଙ୍ଗୋପସାଗର ସଂଲଗ୍ନ ସାତଭାୟାର ୫୭୧ ପରିବାରଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଥିଲା। ମହାବାତ୍ୟା ସ୍ମୃତିକୁ ମନେ ପକାଇ ବଡହାଟର ଜାମିଲ ଅହେମ୍ମଦ କୁହନ୍ତିଯେ, ମହାବାତ୍ୟା ଛାଡ଼ିଗଲା ପରେ ପରିସ୍ଥିତି ଅଧିକ ଭୟଙ୍କର ହୋଇଯାଇଥିଲା। ସରକାରୀ ସାହାଯ୍ୟ ଲୋକଙ୍କ ନିକଟରେ ପହଞ୍ଚିବାକୁ ୧୦ ଦିନରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା। ଜିଲାରେ ମହାବାତ୍ୟାରୁ ବର୍ତ୍ତିଯାଇଥିବା ବହୁ ଲୋକେ ଝାଡ଼ାବାନ୍ତିର ଶିକାର ହୋଇଥିଲେ। ଅନେକ ଲୋକ ବେଘର ହୋଇଯାଇଥିବା ବହୁ ଫସଲ ନଷ୍ଟ ହୋଇଥିଲା। ଖାଇବା ତ ଦୂରର କଥା ପିଇବା ପାଣି ଟୋପେ ପାଇଁ ଲୋକେ ଡ଼ହଳ ବିକଳ ହୋଇଥିଲେ। ଏହା ପ୍ରଭାବରେ ମହାକାଳପଡ଼ା ଓ ରାଜନଗର ବ୍ଲକର ସମୁଦ୍ର ତଟାଞ୍ଚଳର ବହୁ ଗ୍ରାମରେ ୧୫ଫୁଟ ଉଚ୍ଚର ସମୁଦ୍ର ପାଣି ପଶି ଯାଇଥିଲା। ଚାଷଜମିରେ ଲୁଣାପାଣି ମାଡି ବହୁ ଫସଲ ନଷ୍ଟ ହେବା ଯୋଗୁ ଚାଷୀଙ୍କ ଆର୍ଥିକ ଓ ସାମାଜିକସ୍ଥିତିକୁ ଦୋହଲିଯାଇଥିଲା। ଏସବୁ ନଜରରେ ରଖି ଜିଲା ପ୍ରଶାସନ ଓ ରାଜନେତାମାନେ କାର୍ଯ୍ୟ କରିବା କଥା। ମାତ୍ର ପ୍ରଶାସନ ପକ୍ଷରୁ ସବୁ ଠିକ୍ ଥିବା ଦର୍ଶାଯାଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ରାଜନଗର ବ୍ଲକ ବାରହାପୁର ଗ୍ରାମର ପରିବେଶବିତ ହେମନ୍ତ କୁମାର ରାଉତଙ୍କ କହିବାନୁଯାୟୀ, ମହାବାତ୍ୟାରେ ଭିତରକନିକା ଜାତୀୟ ଉଦ୍ୟାନ ସମେତ ମହାକାଳପଡ଼ା ବ୍ଲକର ବଡିଘର, ହୁକିଟୋଲା, ରାଜନଗର ପେଣ୍ଠ, ସାତଭାୟାର ପଞ୍ଚୁବରାହୀ ମନ୍ଦିର, କେନ୍ଦ୍ରାପଡ଼ା ସହରସ୍ଥିତ ବିନୋଦ ବିହାରୀ ମନ୍ଦିର, ବାଲାବାବା ମନ୍ଦିର, ରାଜକନିକା ବ୍ଲକର ରାଜନଅର ଆଦି ଐତିହାସିକ ସ୍ଥଳଗୁଡିକରେ ବହୁ କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ବାତ୍ୟାର ଅବ୍ୟବହିତ ପୂର୍ବରୁ ସୂଚନା ପ୍ରଦାନ କରୁଛନ୍ତି। ମାତ୍ର ଥଇଥାନ ସ୍ଥଳୀକୁ ନିରୀକ୍ଷଣ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି ଯେ, ଇତିମଧ୍ୟରେ କେତେକ ବାତ୍ୟା ଆଶ୍ରୟସ୍ଥଳୀକୁ ନିରୀକ୍ଷଣ କରାଯାଇଛି। ଜବରଦଖଲ ହୋଇଥିବା ଆଶ୍ରୟସ୍ଥଳୀ ସମ୍ପର୍କରେ ଗ୍ରାମ କମିଟିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆଗାମୀ ଦିନରେ ସମସ୍ତ ଅସୁରକ୍ଷିତ ବହୁମୁଖୀ ଆଶ୍ରୟସ୍ଥଳଗୁଡିକୁ ଭଙ୍ଗା ଯାଇ ପୁନର୍ବାର ନିର୍ମାଣ କରାଯିବ ଏନେଇ ପ୍ରକ୍ରିୟା ଜାରି ରହିଛି।

## ୫ ଯୁବପ୍ରତିଭା ସମ୍ବର୍ଦ୍ଧିତ

**ରାଜନଗର, ୨୮।୧୦ (ଡି.ଏନ୍.ଏ.)**


ଅତିଥିଙ୍କ ଗହଣରେ ବିଜୁ ଯୁବବାହିନୀ ସଦସ୍ୟ ଓ ଅନ୍ୟମାନେ।

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଅଧୀନ ଗୋସିଗାଁଠାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀଶ୍ରୀ ଗର୍ତ୍ତେଶ୍ୱର ମନ୍ଦିର ପରିସରରେ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯୁବ ବାହିନୀ ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ ମୁଖ୍ୟବକ୍ତା, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସୁରେନ୍ଦ୍ର ପ୍ରସାଦ ଘଡାଇ, ବାଇଧର ସେଠୀ, ସରପଞ୍ଚ ନିମାଇଁ ରାଉତ, ଟୁକୁନା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବ ସାମାଜିକ କର୍ମୀ ରତିକାନ୍ତ ବିଶ୍ୱାଳ, ପରମେଶ୍ୱର ସାହୁ, ମନୋରଞ୍ଜନ ବଳ, ପ୍ରକାଶ ସାହୁ, ପିଙ୍କି ବାରିକଙ୍କୁ ସମ୍ବର୍ଦ୍ଧିତ କାଯାଇଥିଲା। ବିଜୁ ଯୁବ ବାହିନୀର ଶ୍ରୀକାନ୍ତ ରାଉତ, ସରୋଜ ବିଶ୍ୱାଳ, ବାଦଲ ରାଉତ, ଗୁରୁଦତ୍ତ ରାଉତ, ଗୀତାଞ୍ଜଳି ମଲ୍ଲିକ, ରଶ୍ମିତା ମଲିକ, ବିଶ୍ୱରଞ୍ଜନ ରାଉତ, ବିଶ୍ୱରଞ୍ଜନ ହାତି, ସିପ୍ରା ମଲ୍ଲିକ, ମହେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

**ପଟ୍ଟାମୁଣ୍ଡାଇ, ୨୮।୧୦(ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନଗର ନିର୍ବାଚନ ମଣ୍ଡଳୀରେ ଭାଜପାର ସଂଗଠନକୁ ସୁଦୃଢ଼ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଅନ୍ତର୍ଗତ ଅଢ଼ାଯୋଡି ସାତହୁଙ୍କା ମଠରେ ରବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଭାଜପା ନେତା ଶିବ ପ୍ରସାଦ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଏଥିରେ ରାହାସବିହାରୀ ଦାଶ, ସୁଧାଂଶୁ ଜେନା, ପଞ୍ଚାନନ ବିଶ୍ୱାଳ, ଧ୍ରୁବଚରଣ ପାଣ୍ଡବ, ଗୋପୀନାଥ ପଣ୍ଡା, କୀର୍ତ୍ତି ସାହୁ, ବସନ୍ତ ସାହୁ ଓ ଗଣେଶ୍ୱର ଦାସ ପ୍ରମୁଖ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ଦଳର ସଫଳତା ପାଇଁ ଆହ୍ୱାନ କରିଥିଲେ। ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର ରାୟ ଏହାକୁ ପରିଚାଳନା କରିଥିଲେ। ବୈଠକରେ ରଶ୍ମିରଞ୍ଜନ ଜେନା, ସମୀର ପାତ୍ର, ବ୍ରଜକିଶୋର ପ୍ରଧାନ, ଶରତ ଦାସ, ସୁରେନ୍ଦ୍ର ସ୍ୱାଇଁ, ବିପିନ ପ୍ରଧାନ ଓ ମଙ୍ଗୁଳି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦ୍ରାପଡା ଜିଲା ବିଜେଡି ସଭାପତିଙ୍କ ପଦଯାତ୍ରା ଭଣ୍ଡୁର

**ପଟ୍ଟାମୁଣ୍ଡାଇ,୨୮।୧୦(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ରବିବାର ପଟ୍ଟାମୁଣ୍ଡାଇରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଫଳରେ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଅଧାରୁ ଭଣ୍ଡୁର ହୋଇଯାଇଛି। ସୂଚନାଯୋଗ୍ୟ, ଜିଲା ବିଜେଡି ସଭାପତି ସାହୁ ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ପଞ୍ଚାୟତ ଅନ୍ତର୍ଗତ କଖାରୁଣୀ ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା କରୁଥିଲେ। ଏହି ଯାତ୍ରା ଗ୍ରାମର ଠାକୁର ସାହି ନିକଟରେ ହୋଇଥିବାବେଳେ ଗ୍ରାମର ମହିଳା ଓ ପୁରୁଷମାନେ ତାଙ୍କୁ ଆଗକୁ ଛାଡି ନଥିଲେ। ଗ୍ରାମର ଉନ୍ନତିରେ ସାହୁଙ୍କର କୌଣସି ଅବଦାନ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଗ୍ରାମକୁ ଭଲ ରାସ୍ତା ନ ଥିବା ବେଳେ ପିଇବା ପାଣି ମିଳୁ ନ ଥିବା ସେମାନେ କହିଥିଲେ। ଏଥିସହ ରାଶନ କାର୍ଡ, ଭତ୍ତା ପ୍ରଦାନରେ ସମସ୍ୟା ରହିଥିବା ଅଭିଯୋଗ କରି ସାହୁଙ୍କୁ ଘେରାଉ କରି ଆଗକୁ ଛାଡି ନ ଥିଲେ। ଦଳୀୟ କର୍ମୀ ଓ ନେତାଙ୍କ ହସ୍ତକ୍ଷେପ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ କିଛି ଶୁଣି ନ ଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମାତ୍ର ବିରୋଧ କରୁଥିବା ଲୋକେ ଅଧିକ ହୋହଲ୍ଲା କରିବାରୁ ପ୍ରାୟ ଏକ ଘଣ୍ଟାପରେ ସାହୁଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଫେରିଆସିବାକୁ ବାଧ୍ୟ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ଟିକେଟରେ ସାହୁ ରାଜନଗର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାତ୍ର କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କଠାରୁ ସେ ହାରିଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଥିଲା। ତେବେ ଦଳ ଭିତରେ ଗୋଷ୍ଠୀକନ୍ଦଳ ଓ ମାର୍କଫେଡ୍ ଦୁର୍ନୀତି ଅଭିଯୋଗ ହେବାପରେ ସେ ବିବାଦୀୟ ହୋଇ ପଡିଥିଲେ।

## ଅସୁରକ୍ଷିତ ଶ୍ରେଣୀ ଗୃହ ଭାଙ୍ଗି ରଡ଼ ବିକ୍ରି

### -ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭାପତି ନାଁରେ ଅଭିଯୋଗ

ଡେରାବିଶ, ୨୮।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅଧୀନ ତେଲଦିଆ ପ୍ରାଥମିକ ବିଦ୍ୟାଳୟର ଅସୁରକ୍ଷିତ ଶ୍ରେଣୀଗୃହ ଭାଙ୍ଗିବା ସହ ସେଥିରୁ ବାହାରୁ ଥିବା ରଡ୍‌କୁ ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭାପତି ବେଆଇନ ଭାବେ ବିକ୍ରି କରୁଛନ୍ତି। ଏ ନେଇ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୧୯୮୩ରେ ନିର୍ମିତ ହୋଇଥିବା ଉକ୍ତ ସ୍କୁଲର ଶ୍ରେଣୀଗୃହ ଅସୁରକ୍ଷିତ ଅବସ୍ଥାରେ ରହିଥିଲା। ତେବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ପ୍ରଧାନ ଶିକ୍ଷୟିତ୍ରୀ ବେଆଇନ ଭାବେ ସେହି ଗୃହ ଭାଙ୍ଗି ରଡ୍ ବିକ୍ରି କରୁଛନ୍ତି। ଏହାର ପ୍ରତିବାଦରେ ଗ୍ରାମର ଶିଶିର କୁମାର ସାମଲଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଆଶିଷ କୁମାର ବାରିକ, ସୁକାନ୍ତ ସାହୁ, ସୁରେନ୍ଦ୍ର ଜେନା, ଗୌରାଙ୍ଗ ନାୟକ, କୈଳାସ ଜେନା, ମନୋରଞ୍ଜନ ଜେନା, ସୁଭେନ୍ଦୁ ଦାସ, ହୃଷୀକେଶ ସାହୁ, ଖଗେଶ୍ୱର ଦାସ, ମହେଶ୍ୱର ସ୍ୱାଇଁ, ପ୍ରମୋଦ ଜେନା ପ୍ରମୁଖ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ନରହରି ସୂତାର, ସର୍ବଶିକ୍ଷା ଅଭିଯାନ ବିଭାଗର ଇଞ୍ଜିନିୟର ଅନିଲ୍ ମହାନ୍ତି ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏହି ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଆଗରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଭଦ୍ରଙ୍କୁ ପଚାରିବାରେ ସ୍କୁଲରେ କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ। ବୈଷୟିକ ଅଧିକାରୀ ଉକ୍ତ ଗୃହକୁ ଅସୁରକ୍ଷିତ ଘୋଷଣା କରିବା ପରେ ପରିଚାଳନା କମିଟି ସଦସ୍ୟଙ୍କ ପ୍ରସ୍ତାବ କ୍ରମେ ଘର ଭଙ୍ଗାଯାଇଥିଲା ବୋଲି କହିଛନ୍ତି।

## ବଜ୍ରମହାକାଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ

**ପାଟକୁରା, ୨୮।୧୦ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତସ୍ଥିତ ବଜ୍ରମହାକାଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଲୋକାର୍ପିତ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ଏଥିଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଧାୟକ ଅଗ୍ରୱାଲ ମତବ୍ୟକ୍ତ କରିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାସ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ବାସୁଦେବ ବେହେରା. ବେଡାରୀ ସରପଞ୍ଚ ଗୋକୁଳାନନ୍ଦ ବେହେରା, ସରପଞ୍ଚ ସୂର୍ଯ୍ୟମଣି ସେଠୀ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ପ୍ରହ୍ଲାଦ ସାହୁ, ବେଡାରୀ ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଓ ବିଭିନ୍ନ ଗ୍ରାମର ଛାମୁଆ କର୍ମୀମାନେ ସାମିଲ ଥିଲେ।

## ଡିଆଇଇଟିରେ ଦକ୍ଷତା ବୃଦ୍ଧି କର୍ମଶାଳା

ଡେରାବିଶ, ୨୮।୧୦(ସ୍ୱ.ପ୍ର)



କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଡେରାବିଶ ବ୍ଲକ ବାଲିଆସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପରିସରରେ ଜିଲାର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କ ଶେଷ ପର୍ଯ୍ୟାୟ ୪ ଦିନିଆ ଦକ୍ଷତାବୃଦ୍ଧି କର୍ମଶାଳା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଶନିବାର ଏହି କର୍ମଶାଳାକୁ ମୁଖ୍ୟଅତିଥି ଜିଲା ଶିକ୍ଷାଧିକାରିଣୀ କଳ୍ପନା କୁମାରୀ ବେହେରା ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ୭୦ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଓ ସାଥ୍ ପ୍ରାଥମିକତା ଉପରେ ଆଧାରିତ ଏହି କର୍ମଶଳାର ଉଦ୍ଦେଶ୍ୟ ସମ୍ପର୍କରେ ଅଧାପିକା ଲୋପାମୁଦ୍ରା ପଣ୍ଡା ସୂଚନା ଦେଇଥିଲେ। ସାଥ୍ ଟିମ୍‌ର ସଦସ୍ୟ ଅଧାପକ ଗଣେଶ ପ୍ରସାଦ ଜେନା, ଶରତ ଚନ୍ଦ୍ର ନାୟକ, କଳ୍ପନା ସାହୁ, ମାୟାବିନୀ ଦାସ, ସୁନିତା ବେହେରା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିର ପରିଚାଳନାରେ ରାଜକିଶୋର ଲେଙ୍କା, ସୁଜାତା ସାମଲ, ସରୋଜିନୀ ଦାସ, ରଜତ କୁମାର ସ୍ୱାଇଁ ଓ ଦମୟନ୍ତୀ ମଲ୍ଲ ସହଯୋଗ କରିଥିଲେ।

## ନିର୍ମାଣ ହେବ ଉନ୍ନତମାନର ଏରୋକ୍ରାଫ୍ଟ ଜେଟି

**ସାଗରମାଳା ଯୋଜନା**

**କେନ୍ଦ୍ରାପଡା ଅଫିସ, ୨୮।୧୦**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ତାଳଚୁଆ ଫେରିଘାଟ ଓ ଭଦ୍ରକ ଜିଲାର ଧାମରାରେ ଥିବା କାଳିନାଳୀ ଫେରିଘାଟରେ ୨ଟି ଉନ୍ନତମାନର ଏରୋକ୍ରାଫ୍ଟ ଜେଟି ନିର୍ମାଣ ହେବ। ଏଥିସହ ୨ ବଡ ଭେସେଲ ପ୍ରତି ଘଣ୍ଟା ଅନ୍ତରରେ ଏହି ୨ଟି ସ୍ଥାନରୁ ଛାଡିବ। ଏହି ଭେସେଲରେ ଟ୍ରକ, ବସ ଯାତାୟାତ କରିବା ସହ ଆଗାମୀ ଦିନରେ ଏହି ଜେଟିରୁ ବାର୍ଜ ଯୋଗେ ମାଲ ମଧ ପରିବହନ ହେବ। ଏହି ସେବା ଉପଲବ୍ଧ ହେବା ପରେ ଭିତରକନିକା ଜାତୀୟ ଉଦ୍ୟାନକୁ ସିଧାସଳଖ ବସ ସେବା ଉପଲବ୍ଧ ହୋଇପାରିବ।
ଫଳରେ ଟୁରିଷ୍ଟ ପର୍ଯ୍ୟଟକମାନେ ବସ୍ ଯୋଗେ ଆସି ଏହି ସ୍ଥାନ ବୁଲି ପାରିବେ। ଏହାଦ୍ୱାରା ରାଜସ୍ୱ ବୃଦ୍ଧି ହୋଇପାରିବ। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ଆର୍ନ୍ତଜିଲା ଜଳପଥ ପରିବହନ ପ୍ରାଧିକରଣ ସଂସ୍ଥା ଏନେଇ କେନ୍ଦ୍ର ସରକାରଙ୍କୁ କରିଥିବା ଚିଠିକୁ ଇତିମଧ୍ୟରେ ମଞ୍ଜୁରୀ ମିଳିଯାଇଛି। ଏହାକୁ କେନ୍ଦ୍ର ସରକାରଙ୍କ ସାଗରମାଳା ଯୋଜନାରେ ଅନ୍ତର୍ଭୁକ୍ତ କରି ଚୁଡାନ୍ତ ରୂପରେଖ ଦିଆଯାଇଥିବା ରାଜ୍ୟ ବାଣିଜ୍ୟ ବିଭାଗ ସୂତ୍ରରୁ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ, ୧୯୭୯ରେ ଆନ୍ତଃଜିଲା ଜଳପଥ ପରିବହନ ସଂସ୍ଥା ପକ୍ଷରୁ ଚାନ୍ଦବାଲିରୁ ତାଳଚୁଆ ପର୍ଯ୍ୟନ୍ତ ଜଳପଥରେ ଲଞ୍ଚ ସେବା ଆରମ୍ଭ କରିଥିଲେ। ଦୀର୍ଘ ୩୯ ବର୍ଷ ମଧ୍ୟରେ ଏହି ସଂସ୍ଥା ଏବେ ଜଳପଥ ପରିବହନ ସେବା ଯୋଗାଇ ଦେବାରେ ବିଫଳ ହୋଇଛି। ଅପରପକ୍ଷରେ ଧାମରା ବନ୍ଦର ଏକ ଆନ୍ତର୍ଜାତିକ ବନ୍ଦର ମାନ୍ୟତା ପାଇବାକୁ ଯାଉଛି। ବନ୍ଦର ନିକଟସ୍ଥ କାଳିନାଳୀ ଘାଟରୁ ତାଳଚୁଆ ଫେରିଘାଟକୁ ଯାତାୟାତ କରୁଥିବା ଲୋକେ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ସାଗରମାଳା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ବାଣିଜ୍ୟ ବିଭାଗ ଅବଗତ କରାଇଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ଏହାକୁ ସ୍ୱୀକୃତି ଦେବା ସହ ଧାମରା ନିକଟସ୍ଥ କାଳିନାଳୀ ଘାଟରେ ମୃର୍ତ୍ତିକା ପରୀକ୍ଷା କରିବାକୁ ଆଦେଶ ଦେଇଥିଲେ। ଏହି ଆଦେଶ ପାଇବା ପରେ ଆଇଆଇଟି ଚେନ୍ନାଇର ଯନ୍ତ୍ରୀମାନେ ଏହାର ମୃତ୍ତିକା ପରୀକ୍ଷଣ କରିବା ସହ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ରିପୋର୍ଟ ଅନୁଯାୟୀ ଧାମରାର କିଆନାଳୀଠାରୁ ବଙ୍ଗୋପସାଗର ମୁହାଣ ଓ କେନ୍ଦ୍ରାପଡା ଜିଲାର ତାଳଚୁଆ ଫେରିଘାଟ ପର୍ଯ୍ୟନ୍ତ ଥିବା ଜଳପଥକୁ ଡ୍ରେଜିଂ କରାଯିବ। ଏଥିସହ ପ୍ରତିମାସ ମୁହାଣ ଅଞ୍ଚଳକୁ ଡ୍ରେଜିଂ କରାଯିବ। ଏହି ଯୋଜନାକର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରି ପାଇଁ ଆବେଦନ ହୋଇଛି। ମଞ୍ଜୁରୀ ପରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ ହେବ ବୋଲି ରାଜ୍ୟ ବାଣିଜ୍ୟ ବିଭାଗ ସୂତ୍ରରୁ ଜଣାପଡିଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଡେରାବିଶ, ୨୮।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକର ୧୩ ନଂ. ଜୋନ୍‌ରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବାରିମୂଳ ପଞ୍ଚାୟତ ବାରିମୂଳସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ୍ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ରାଜ୍ଯ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଏହି ପଦଯାତ୍ରା ଅନୁଷ୍ଠିତ ହେଉଥିବା ବିଧାୟକ ଅଗ୍ରୱାଲ୍ ତାଙ୍କ ବକ୍ତବ୍ୟରେ କହିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ୍ୱର ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏହି ପଦଯାତ୍ରାରେ ଦଳୀୟ କର୍ମୀମାନେ ବାରିମୂଳ, କୁଶିଆପାଳ, ଗୁଆଳସିଂ, କୁରୁଜଙ୍ଗା, ରଘୁଦେଇପୁର, ବେଣୀପୁର, ମଙ୍ଗଳପୁର, ଛୋଟି ପଞ୍ଚାୟତ ପରିକ୍ରମା କରିବା ପରେ ନହଙ୍ଗସ୍ଥିତ ମା'ମଙ୍ଗଳା ପୀଠରେ ଏହା ଉଦ୍‌ଯାପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୧୩ ନଂ. ଜୋନ୍ ଜିଲା ପରିଷଦ ଜବାମୁର୍ମୁ, ପୂର୍ବତନ ସଭ୍ୟ ଭବନୀ ପ୍ରସାଦ ଓଝା, ବାରିମୂଳ ସରପଞ୍ଚ ଶୁଦ୍ଧଦେବ ବେହେରା, ଗୁଆଳସିଂ ସରପଞ୍ଚ ବଟକୃଷ୍ଣ ସେଠୀ, କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ରଘୁଦେଇପୁର ପୂର୍ବତନ ସରପଞ୍ଚ ଅମିତା ମହାରଣା, ସୁରେନ୍ଦ୍ର ଦାସ, ଶିବ ପ୍ରସାଦ ସାହୁ, ଯୁବନେତା ଶରଦା ପ୍ରସାଦ ବାରିକ, କେଳୁ ଚରଣ ନାଥ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
- ଭଲଟାୟାର



## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ଜେଲ ଗଲେ ଯୁବକ



ନୂଆଗାଁ,୨୮।୧୦ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳର ଜଣେ ଯୁବକ କଲେଜ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇ ରବିବାର ଜେଲ ଯାଇଛନ୍ତି। ସେ ହେଲେ କୋରଡା ଗ୍ରାମର ଗଙ୍ଗାଧର ସେଠୀ (୨୫)। ଛାତ୍ରୀଙ୍କ ବାପା ନୂଆଗାଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ବ୍ଲକର ଏକ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ। ସେ ପ୍ରତିଦିନ ବସ୍‌ରେ ଯାଇ କିଛି ବାଟ ଚାଲି ଚାଲି କଲେଜ ଯାଆନ୍ତି। ପ୍ରତିଦିନ ପରି ଶନିବାର ଛାତ୍ରୀ ଜଣକ ସାଙ୍ଗ ସହିତ କଲେଜରୁ ଚାଲି ଚାଲି ଆସୁଥିବା ସମୟରେ ଗଙ୍ଗାଧର ବାଇକ୍ ଯୋଗେ ଯାଇ ତାଙ୍କୁ ଅଟକାଇଥିଲେ। ପରେ ଛାତ୍ରୀ ଧରିଥିବା ମୋବାଇଲ ଛଡାଇ ନେଇ ଟଣାଓଟରା କରିଥିଲେ। ଏପରି କି କାଲିଠାରୁ କଲେଜ ନ ଆସିବାକୁ ତାଗିଦ କରିବା ସହ ଘଟଣା ବିଷୟରେ କାହାରିକୁ ନ ଜଣାଇବା ପାଇଁ ଧମକ ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ନୂଆଗାଁ ପୋଲିସ ଏକ ମାମଲା (ନଂ.୭୫/୧୮) ରୁଜୁକରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଯୁବକ ବ୍ୟବହାର କରିଥିବା ବାଇକ୍ (ଓଡି୨୫ଇ-୪୭୧୮)କୁ ମଧ ପୋଲିସ ଜବତ କରିଛି।

# ଶାନ୍ତିର ତପୋବନ: କୁଳାବଗାଦୀ ରାମାଶ୍ରମ

ଅଜୟ କୁମାର ମହାରଣା
ଖଣ୍ଡପଡା,୨୮।୧୦

ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ଧନ ଦୌଲତ, ସ୍ତ୍ରୀ, ପୁତ୍ର ଓ ରାଜପ୍ରାସାଦ ତ୍ୟାଗ କରି ଲୁମ୍ବିନୀ ଉଦ୍ୟାନକୁ ନିଜର ଆଶ୍ରୟସ୍ଥଳୀ ରୂପେ ବାଛିନେଇଥିଲେ । ତାହା ଥିଲା ତାଙ୍କ ପାଇଁ ଶାନ୍ତିର ତପୋବନ। ସେଇ ମହାପୁରୁଷଙ୍କ ତ୍ୟାଗ ଓ ମହନୀୟତାର ନିଦର୍ଶନକୁ ପାଥେୟ କରି ଆଜି ମଧ କେତେକ ସ୍ଥାନରେ ଏହା ଗଢିଉଠିଛି। ଏହିପରି ଏକ ତପୋବନ ରହିଛି ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତର ମାଧପୁର ଗ୍ରାମରେ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ନୀଳମାଧବ କ୍ଷେତ୍ରଠାରୁ ପ୍ରାୟ ୩ କି.ମି. ଦୂରରେ ରହିଛି ମାଧପୁର ଗ୍ରାମ। ଗ୍ରାମଠାରୁ ଏକ କି.ମି. ଦୂର ଉତ୍ତରକୁ ଗଲେ ଏହି ଆଶ୍ରମ ପଡିଥାଏ। ମହାନଦୀ ତଟଦେଶରେ ଅବସ୍ଥିତ ଏହି ଆଶ୍ରମକୁ କେହି ଯଜ୍ଞପଦା କହୁଥିବା ବେଳେ ବୟସ୍କ ଲୋକେ କୁଳାବଗାଦୀ ବୋଲି କୁହନ୍ତି। ଗ୍ରାମବାସୀଙ୍କ ସହଯୋଗରେ ୫ ଏକର ପରିମିତ ଜାଗାରେ ଆମ୍ର କାନନ, ଶ୍ରୀରାମମନ୍ଦିର, ରାଧାକୃଷ୍ଣ ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର, ୧୦ ଫୁଟ ଉଚ୍ଚତା ଲିଙ୍ଗ ବିଶିଷ୍ଟ ମୁକ୍ତେଶ୍ୱର ମହାଦେବ, ରାମେଶ୍ୱର ମନ୍ଦିର ଓ ପାର୍ବତୀ ମନ୍ଦିର ନିର୍ମାଣ ହୋଇଛି। ସେଠାରେ ନାମ ମଣ୍ଡପ, ରୋଷଶାଳା, ଅତିଥିଶାଳା, ଯଜ୍ଞ ମଣ୍ଡପ, ଯଜ୍ଞଶାଳା ଓ କାର୍ଯ୍ୟ ପରିଚାଳନା କରୁଥିବା ବାବାଙ୍କ ପାଇଁ ଗୃହ ନିର୍ମାଣ କରାଯାଇଛି । ଏହାର ପୂର୍ବ ଦିଗରେ ପୁରାଣ ପ୍ରସିଦ୍ଧ ହନୁମନ୍ତିଆ ପାହାଡ ରହିଛି, ଯେଉଁଠାରେ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ବନବାସର କିଛି କାଳ ଅତିବାହିତ କରିଥିବା ଲୋକ କଥାରୁ ଜଣାଯାଏ । ପଶ୍ଚିମରେ ପଥରଚକଡାର ଅଧିଷ୍ଠାତ୍ରୀ ମା’ନାରାୟଣୀ ବିଜେ କରିଛନ୍ତି। ଦକ୍ଷିଣ ଦିଗରେ ଗୋସିଂହ ଦୈତ୍ୟର ଆଶ୍ରୟସ୍ଥଳୀ ଗୋସିଂହ ପାହାଡ ଅବସ୍ଥିତ । ଶାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତ ମଧ୍ୟପର୍ବର ପ୍ରଥମ ଖଣ୍ଡରେ ବର୍ଣ୍ଣିତ, ଗୋସିଂହ ଦୈତ୍ୟ ହେଉଛି ଜେନାବଳୀ ନଗ୍ର କୁଳାବତୀ ପାଟଣାର ପ୍ରବଳ ପ୍ରତାପୀ ଦୈତ୍ୟ କୁଳାଧୀଶ୍ୱର ବ୍ରଜ ସିଂହର ନନ୍ଦନ । ସୂଚନାଯୋଗ୍ୟ ଭାପୁର ବ୍ଲକର ମାରଡା, କେନ୍ଦୁପଲ୍ଲୀ, ହନୁମନ୍ତ ପ୍ରସାଦ, ପଦ୍ମାବତୀ, କୁଳାବତୀ, ଭୋଗଡା ଓ ପଥରଚକଡାକୁ ନେଇ ଏହି ଜେନାବଳୀ ନଗ୍ର ଗଠିତ । କୁଳାବତୀ ପାଟଣା କାଳକ୍ରମେ କୁଳାବଗାଦୀ ଭାବରେ ପରିଚିତ ହୋଇଛି। ମହାନଦୀ ତଟ ଦେଶରେ ଅବସ୍ଥିତ କୁଳାବତୀ ପାଟଣାଟି ସମୟାନୁକ୍ରମେ ନଦୀ ଗର୍ଭରେ ଲୀନ ହୋଇ ଯାଇଥିଲା । ସେଠାରେ ବସବାସ କରୁଥିବା ଲୋକମାନେ ଶ୍ରୀ ନୀଳମାଧବ ଜୀଉଙ୍କ ନିକଟରେ ଥିବା ଏକ ଉଚ୍ଚ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛିନେଲେ। ନୀଳମାଧବଜୀଉଙ୍କ ନାମାନୁସାରେ ଏହି ଗ୍ରାମର ନାମ ମାଧବ ପ୍ରସାଦ ରଖାଗଲା। କାଳକ୍ରମେ ଲୋକମାନେ ଏହି ନାମକୁ ଅପଭ୍ରଂଶ କରି ଏହାକୁ ମାଧପୁର ବୋଲି କହୁଛନ୍ତି। ୧୮୬୪ ମସିହାରେ ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମର ଦିବ୍ୟଦ୍ରଷ୍ଟା ବ୍ରହ୍ମଚାରୀ ସ୍ୱର୍ଗତ ବ୍ରହ୍ମାନନ୍ଦ ରଥ ଦେଖିଥିବା ସ୍ୱପ୍ନ ସାକାର କରିବାକୁ ଯାଇ ଏଠାରେ ଯଜ୍ଞର ଆୟୋଜନ କରିଥିଲେ। ଯଜ୍ଞର ଆସ୍ଥାନ ଠାବ କରି ଯଜ୍ଞକୁଣ୍ଡ ଖୋଳିବା ବେଳେ କେତୋଟି ଭଗ୍ନ ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥିଲା । ଏଥିରେ ରାମ, ଲକ୍ଷ୍ମଣ ଓ ସୀତା ମାତାଙ୍କର ପ୍ରତିମୂର୍ତ୍ତି ରହିଥିଲା। ଏଣୁ ବ୍ରହ୍ମଚାରୀଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା । ହେଲେ ପ୍ରତିମୂର୍ତ୍ତି ରହିଲା ନାହିଁ । ମହାନଦୀର ବନ୍ୟା ସମୟରେ ପୂଜାର୍ଚ୍ଚନାର ଅସୁବିଧାକୁ ଦୃଷ୍ଟି ଦେଇ ମନ୍ଦିର ମଧ୍ୟରେ ‘ଶ୍ରୀରାମ’ ବୋଲି ଗୋଟିଏ ଶବ୍ଦ ଲେଖା ରହିଲା । ଏହି ନାମର ପ୍ରଭାବରେ ଏବେ ଏଠିକାର ପରିବେଷ୍ଟନୀ ଉନ୍ନତ ହେବାରେ ଲାଗିଛି । ଏହା ପରଠାରୁ ୨ୟ, ତୃତୀୟ ଓ ୪ର୍ଥ ମଠ ମହନ୍ତ ଭାବେ କେନ୍ଦୁପଲ୍ଲୀ ଗ୍ରାମର ନିଧି ବେହେରା, ରାକମାର ସୁଦର୍ଶନ ଷଡଙ୍ଗୀ ଓ ମାଧପୁର ଗ୍ରାମର ନିଆସ ନାୟକ ଆଶ୍ରମ ଦାୟିତ୍ୱ ତୁଲାଇ ଆସିଥିଲେ । ପରବର୍ତ୍ତୀ ସମୟରେ ୨୦୦୨ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପକ୍ଷୀବାବା ଏହାର ଦାୟିତ୍ୱ ନେବାପରେ ମଠର ପୁନରୁଦ୍ଧାର ହୋଇ ନୀଳମାଧବ ପୀଠରୁ ଆଜ୍ଞାମାଳ ଆଣି ଯଜ୍ଞାନୁଷ୍ଠାନ କରା ଯାଇଥିଲା । ସେହିଦିନଠାରୁ ପାରମ୍ପରିକ ରୀତିରେ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ୩ଦିନ ବ୍ୟାପୀ ମାଧପୁର, ହନୁମନ୍ତପ୍ରସାଦ, କେନ୍ଦୁପଲ୍ଲୀ ଓ ମାରଡା ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞକାର୍ଯ୍ୟ ସମ୍ପାଦନ ହେଉଛି। ଆଖପାଖ ୨୦ରୁ ୨୫ ମୌଜାର ମହିଳାମଣ୍ଡଳ ଏକତ୍ରିତ ହୋଇ ନାମଯଜ୍ଞ କରିଥାନ୍ତି । ସମ୍ପ୍ରତି ଗ୍ରାମବାସୀଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ସାହୁ, ମଦନ ମୋହନ ନାୟକ, ତ୍ରିନାଥ ସାହୁ, ମାଧବ ମହାରଣା, ସୁଦର୍ଶନ ମୁଦୁଲି, ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦୁର୍ଯ୍ୟୋଧନ ମୁଦୁଲି ଏହି ପୀଠ ଦାୟିତ୍ୱରେ ରହିଛନ୍ତି। ପୀଠଟି ଏକ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବାରୁ ପର୍ଯ୍ୟଟକ ତଥା ଜନସାଧାରଣ ଏଠାରେ ସମୟ ଅତିବାହିତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ନିଜର ଗୃହଜଞ୍ଜାଳ ମଧ୍ୟରେ ପେଷିହେଉଥିବା ଲୋକେ ଟିକିଏ ଶାନ୍ତି ପାଇବା ପାଇଁ ଏହି ପୀଠକୁ ଚାଲିଆସିଥାନ୍ତି। ତେବେ ଶାନ୍ତିର ତପୋବନ ମାଧପୁର ରାମାଶ୍ରମକୁ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଲେ ଏହାର ଉନ୍ନତି ତଥା ବିକାଶ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ମାଧପୁର ରାମାଶ୍ରମ।



ଆଶ୍ରମ ପରିସରରେ ଦଶ ଫୁଟ ଉଚ୍ଚତା ଲିଙ୍ଗ ବିଶିଷ୍ଟ ମୁକ୍ତେଶ୍ୱର ମହାଦେବ।

- ମୂର୍ତ୍ତି ପରିବର୍ତ୍ତେ ଲେଖାହୋଇଥିବା ଶ୍ରୀରାମ ଶବ୍ଦକୁ ପୂଜା କରନ୍ତି ଲୋକେ
- ଅକ୍ଷୟ ତୃତୀୟାଠାରୁ ୩ ଦିନ ଧରି ହୁଏ ଯଜ୍ଞ
- ଯଜ୍ଞ କୁଣ୍ଡ ଖୋଳିବା ବେଳେ ବାହାରିଥିଲେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି

### ଦୁର୍ଘଟଣାରେ ଜଣେ ମୃତ, କାର୍ ଜବତ

ରଣପୁର/ଟାଙ୍ଗୀ(ଖୋର୍ଦ୍ଧା), ୨୮।୧୦(ସ୍ୱ.ପ୍ର./ଡି.ଏନ.ଏ.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବେଣ୍ଟ ଛକଠାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଆଡୁ ଆସୁଥିବା ଏକ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ରବିବାର ବ୍ୟକ୍ତିଜଣକ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା କାର୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ କାର୍‌ଚାଳକ ଚାନ୍ଦପୁର ଥାନାରେ ଗାଡ଼ି ରଖି ଫେରାର୍ ହୋଇଯାଇଛନ୍ତି। ଗାଡ଼ି ନଂ ହେଉଛି ଓଡି୧୯ଜି୦୨୩୪। ମୃତକ ଜଣେ ଅଣଓଡ଼ିଆ ଓ ବିଭିନ୍ନ ଢାବାରେ ରହି କାମ କରୁଥିବା ଜଣାପଡ଼ିଥିଲେ ମଧ ତାଙ୍କର ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ। ଏ ନେଇ ସ୍ଥାନୀୟ ଲୋକେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଚାନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ଅବରୋଧକାରୀଙ୍କୁ ହଟାଇଥିଲେ। ପୋଲିସ କାର୍‌ଟିକୁ ଜବତ କରିଛି। ଏ ନେଇ ପୋଲିସ ୧୪୫/୧୮ରେ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରିବା ନିମନ୍ତେ ରଣପୁର ସରକାରୀ ଡାକ୍ତରଖାନାକୁ ପଠାଇଦେଇଛି। ରାତି ହୋଇଯିବାରୁ ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

### ଶରଣକୁଳ ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଉଦ୍‌ଯାପିତ



ନୟାଗଡ଼ ଅଫିସ,୨୮।୧୦: ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ଏନ୍‌ଆଇଓଏସ୍‌ର ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ (ଡ଼ିଇଏଲ୍‌ଇଡ଼ି) ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ରଥ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ରାଜକିଶୋର ସାହୁ ମୁଖ୍ୟ ଅତିଥି ଏବଂ ବେତାର ଓ ଦୂରଦର୍ଶନର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ବ୍ୟୋମକେଶ ରଥ, ଅଧାପିକା ସସ୍ମିତା ରଥ, ଅଧାପକ ନାରାୟଣ ପ୍ରଧାନ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକମାନେ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମତ ଦେଇଥିଲେ। ପରେ ଏନ୍‌ଆଇଓଏସ୍‌ର ଡିଇଏଲ୍‌ଇଡ଼ି ପ୍ରଥମବର୍ଷ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ବିରଞ୍ଚି ନାରାୟଣ ନନ୍ଦଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କ ପକ୍ଷରୁ ରାଜକିଶୋର ବେହେରା ଓ ସତ୍ୟବାଦୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛୋଟ ଗାଁରେ ବଡ଼ ମହୋତ୍ସବ

## ରାଜକୁମାର ମହୋତ୍ସବ, ପଲ୍ଲିଶ୍ରୀ ମେଳା ୨୦୧୮ ଉଦ୍‌ଯାପିତ




ବିଧାୟକ ଜଣେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ ଅଫିସ,୨୮।୧୦

ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତ ରାଜପାଟଣା ଗ୍ରାମରେ କୁମାରପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ରାଜକୁମାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଇନଜୀବୀ ନିରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଛୋଟ ଗାଁରେ ବଡ଼ ମହୋତ୍ସବକୁ ସ୍ୱାଗତ କରିଥିଲେ। ଏମାନଙ୍କଠାରୁ ପ୍ରେରଣା ପାଇ ଅନ୍ୟ ଗାଁରେ ଏହିଭଳି କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅଭିନେତ୍ରୀ ଏଲିନା ଦାସ, ବିଜୁ ମହିଳା ଜନତା ଦଳର ଜିଲା ସଭାପତି ଜୟଶ୍ରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତିକୁ ବଞ୍ଚାଇ ରଖିବାର ଗ୍ରାମବାସୀଙ୍କ ଏହି ପ୍ରୟାସକୁ ଅଭିନେତ୍ରୀ ଏଲିନା ପ୍ରଶଂସା କରିଥିଲେ। ଦ୍ୱିତୀୟ ବର୍ଷରେ ପାଦ ଥାପିଥିବା ମହୋତ୍ସବ ଆଗାମୀ ବର୍ଷ ବର୍ଷ ଧରି ଚାଲୁରହୁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗ୍ରାମର ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଗୋଟିପୁଅ ନୃତ୍ୟ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ୪ଦିନ ଧରି ହୋଇଥିବା ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ନୂଆଗାଁ,୨୮।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ରବିବାର ଆମ୍ବଝରି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ନଭେମ୍ବର ୨୯ ତାରିଖରେ ସଂଘର ବାର୍ଷିକ ଉତ୍ସବ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ଆସନ୍ତା ୧୧ ତାରିଖ ରବିବାର ଉଠାଣିସାହି ରାମେଶ୍ୱର ମନ୍ଦିରଠାରେ ପ୍ରସ୍ତୁତି ବୈଠକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ସଂଘର ସମସ୍ତ ସଭ୍ୟ ଯୋଗଦେବା ପାଇଁ ସଂଘ ସଭାପତି ପତିତପାବନ ସାହୁ ଅନୁରୋଧ କରିଥିଲେ। ଏହି ଅବସରରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ନୂଆଗାଁର ଅନେକ ସଭ୍ୟ ବୈଠକରେ ଅନୁପସ୍ଥିତ ରହୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଦେବରାଜ ଖଣ୍ଡୁଆଳ, ତ୍ରିନାଥ ପ୍ରଧାନ, ପ୍ରତାପ ଦାଶ, କୈଳାସ ପ୍ରଧାନ, ଅଖିଳ ରଥ ପ୍ରମୁଖ ଯୋଗ ଦେଇଥିଲେ ।

### ନାବାଳିକା ଉଦ୍ଧାର, ଫାର୍ମହାଉସ ମାଲିକଙ୍କ ସହ ମହିଳା ଗିରଫ

ଓଡ଼ଗାଁ,୨୮।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାଉଁଶଗାଡିଆ ଅଞ୍ଚଳରୁ ନିଖୋଜ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଏକ ଫାର୍ମ ହାଉସ ମାଲିକଙ୍କ ସହିତ ଫାର୍ମ ତତ୍ତ୍ୱାବଧାରକ ଦାୟିତ୍ୱରେ ଥିବା ଜଣେ ମହିଳାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଝିଅ ନିଖୋଜ ସମ୍ପର୍କରେ ନାବାଳିକାଙ୍କ ବାପା ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ପୋଲିସ ୨୧୦/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୋଗ ଅନୁସାରେ ଗତ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ସହିତ ତାଙ୍କ ଝିଅ ଏକ ଅଟୋରେ ଯାଉଥିବାବେଳେ ନାବାଳିକାଙ୍କ ବାପା ଅଟୋ ଅଟକାଇ ପୋଲିକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିଥିଲା। ପୋଲିସର ତଦନ୍ତ ଅନୁସାରେ ନାବାଳିକା ଜଣକ ଘର ଛାଡିବା ଦିନଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବାଉଁଶଗାଡିଆର ଅବସରପ୍ରାପ୍ତ ଶିକ୍ଷକ ସୁଧାକର ତ୍ରିପାଠୀଙ୍କ ଫାର୍ମ ହାଉସରେ ଫାର୍ମ ହାଉସ ତତ୍ତ୍ୱାବଧାରକ କୁମାରୀ ଦାଶଙ୍କ ସହିତ ରହିଥିଲେ। ପୋଲିସ ଦ୍ୱାରା ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ସହିତ ୧୬୪ ଧାରା ଅନୁସାରେ ମାଜିଷ୍ଟ୍ରେଟଙ୍କ ସାମନାରେ ବୟାନ ରେକର୍ଡ କରାଯାଇଥିଲା। ନାବାଳିକା ଜଣକ ତାଙ୍କ ଫାର୍ମ ହାଉସରେ ତିନିରୁ ଚାରିଦିନ ରହିବା ଏବଂ ପୋଲିସ କିମ୍ବା ନାବାଳିକାଙ୍କ ଅଭିଭାବକଙ୍କୁ ନ ଜଣାଇ ଅନ୍ୟତ୍ର ପଠାଇବା ନିମନ୍ତେ ଉଦ୍ୟମ କରୁଥିବା ଅଭିଯୋଗରେ ପୋଲିସ ଫାର୍ମ ହାଉସ ମାଲିକ ତ୍ରିପାଠୀ ଓ ତତ୍ତ୍ୱାବଧାରକ କୁମାରୀଙ୍କ ସମେତ ଅନ୍ୟ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଫାର୍ମ ହାଉସ ମାଲିକ ଓ ଅଟକ ମହିଳାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଆଇଆଇସି ତଥା ମାମଲାର ତଦନ୍ତ କରୁଥିବା ଅଧିକାରୀ ବୈଦ୍ୟନାରାୟଣ ଭୋଇ ସୂଚନା ଦେଇଛନ୍ତି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଥିବାବେଳେ ଉଦ୍ଧାର ନାବାଳିକାଙ୍କୁ ତାଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି।

### ଆଜି ଭାଜପା ପକ୍ଷରୁ ବ୍ଲକ୍ ଘେରାଉ

ଖଣ୍ଡପଡ଼ା,୨୮।୧୦(ସ୍ୱ.ପ୍ର.): ସୋମବାର ଭାଜପା ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ଘେରାଉ ହେବ ବୋଲି ସୂଚନା ମିଳିଛି। ଖଣ୍ଡପଡ଼ା ଓ ଭାପୁର ବ୍ଲକ୍‌ରେ ହେଉଥିବା ଦୁର୍ନୀତିବିରୋଧରେ ଭାଜପାର ବରିଷ୍ଠ ନେତା ଓ ମହିଳାନେତ୍ରୀମାନେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଥିବା ଜଣାପଡିଛି। ଶାନ୍ତିପୂର୍ଣ୍ଣ ଭାବେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଘେରାଉ କରାଯିବ ବୋଲି ଭାଜପା ପକ୍ଷରୁ ନିଷ୍ପତ୍ତି ହୋଇଛି।

### ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ସାଇ ହଷ୍ଟେଲ କଟକ ୧-୦ରେ ବିଜୟୀ

ନୟାଗଡ଼ ଅଫିସ,୨୮।୧୦

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁରହିଛି। ରବିବାର ଚତୁର୍ଥ ଦିବସରେ ସାଇ ହଷ୍ଟେଲ କଟକ ଓ ଧାନବାଦ୍ ଫୁଟବଲ ଏକାଡ଼େମୀ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଦ୍ୱିତୀୟାର୍ଦ୍ଧର ୩୧ ମିନିଟରେ ସାଇ ହଷ୍ଟେଲ କଟକ ଦଳର ପ୍ରଭାତ ଦଣ୍ଡସେନା ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଏହା ପରେ କୌଣସି ଗୋଲ ସ୍କୋର ହୋଇପାରି ନ ଥିଲା। ଫଳରେ କଟକ ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ସାମାଜିକ କର୍ମୀ ମନ୍‌ସୁର ବକ୍ସ ଓ ବିଭୂପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଶିବପ୍ରସାଦ ଦାସ ଖେଳ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଅଶୋକ କଅଁର ଓ ସନ୍ଦୀପ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବିଜୟୀ ଦଳର ପ୍ରଭାତ ଦଣ୍ଡସେନାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସୋମବାର ସ୍ପୋର୍ଟିଂ କ୍ଲବ ଟାଟା ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ବୈକୁଣ୍ଠନାଥ ସିଠ୍ ସୂଚନା ଦେଇଛନ୍ତି।



ଖେଳର ଏକ ରୋମାଞ୍ଚକର ଦୃଶ୍ୟ।

### ମୁଁ ହିରୋ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୨୮।୧୦

ବାଣପୁର ବ୍ଲକର କୁମାରଙ୍ଗ, ନାରୁଣୀ ଓ ଗମ୍ଭାରୀମୁଣ୍ଡା ପଞ୍ଚାୟତରେ ରବିବାର ବିଜେଡିର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗମ୍ଭାରୀମୁଣ୍ଡାରେ ଜିଲା ପରିଷଦ ସଭ୍ୟ ଡମ୍ବରୁଧର ନାୟକ, ଯୁବ ବାହିନୀର ବ୍ଲକ ସଂଯୋଜିକା ରଞ୍ଜିତା ସାମନ୍ତସିଂହାର, ସରପଞ୍ଚ ବିମଳ ପଟ୍ଟନାୟକ, ସମିତି ସଭ୍ୟ ସଂଗ୍ରାମ ପଲେଇ ଅତିଥି ରୂପେ ଯୋଗଦେଇଥିଲେ। କୁମାରଙ୍ଗରେ ଶୁଭଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣପୁର ତହସିଲଦାର ତଥା ବିଡିଓ ପୃଥ୍ୱୀରାଜ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନୋଜ ପ୍ରଧାନ, ସମିତିସଭ୍ୟ ନାରାୟଣ ସ୍ୱାଇଁ ଯୋଗଦେଇଥିଲେ। ନାରୁଣୀରେ ଅରୁଣ ଦାସଙ୍କ ଅଧ୍ୟକ୍ଷତାରେ ବାଣପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା ସେଠୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖଣ୍ଡପଡ଼ା,୨୮।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍‌ଅନ୍ତର୍ଗତ କୋସକା ପଞ୍ଚାୟତରେ ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସଂଗଠକ ପ୍ଲାକାର୍ଡ଼ ଧରି ମଧୁପୁର ଓ କୋସକା ଗ୍ରାମ ପରିକ୍ରମା କରିଥିଲେ। ଏ ଅବସରରେ ବିଜେଡି ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ମଧୁପୁର ଗ୍ରାମରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ବ୍ଲକ୍ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ, ସମିତି ସଭ୍ୟ ରଞ୍ଜିତ ବେହେରା, ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ସମିତି ସଭ୍ୟ ସଦାଶିବ ପ୍ରଧାନ, ବନମାଳୀ ସାହୁ ଓ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଏଥିରେ ସାମିଲ୍ ହୋଇଥିଲେ। କୋସକା ଫ୍ରେଣ୍ଡ କ୍ଲବ୍‌ଠାରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ବିଧାୟକ ପଟ୍ଟନାୟକ ଯୋଗଦେଇ କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଓ ଦଳୀୟ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଭାପୁର ବ୍ଲକ୍‌ର ବାଉଁଶବାଟୀ, କେନ୍ଦୁପଲ୍ଲୀ, ବାଇଗୁଣିଆରେ ବିଧାୟକଙ୍କ ନେତୃତ୍ୱରେ ପଦଯାତ୍ରା ଆୟୋଜିତ ହୋଇଥିଲା। ପୂର୍ବତନ ସମିତିସଭ୍ୟ ରବି ପ୍ରଧାନ, ଲକ୍ଷ୍ମୀଧର ମହାରଣା, ଦିଲୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ପଦଯାତ୍ରାରେ ବିଧାୟକଙ୍କ ସହ ଦଳୀୟ କର୍ମୀମାନେ।